Semester-III
History Hons Core paper VI

# ସମୁଦ୍ର ଯାତ୍ରା ଏବଂ ଭୌଗୋଳିକ ଅଭିଯାତ୍ରା
# (SEA VOYAGES AND GEOGRAPHICAL EXPLORATIONS)

ନବଜାଗରଣ ଆନ୍ଦୋଳନ ୧୫ଶ ଶତାବ୍ଦୀର ୟୁରୋପୀୟମାନଙ୍କୁ ଦୁଃସାହସିକ ସାଗର ଯାତ୍ରା କରିବା ପାଇଁ ପ୍ରେରଣା ଦେଲା । ୧୩ଶ ଶତାବ୍ଦୀର ଶେଷ ଭାଗରେ ନାବିକ କମ୍ପାସ (Mariner's Compass), ସାମୁଦ୍ରିକ ପଥର ନକ୍ସା ଓ ସାରେଣୀ, ଉନ୍ନତ ଜାହାଜ ନିର୍ମାଣ କୌଶଳ ଏବଂ ଅନେକ ଦକ୍ଷ ଓ କୌଶଳୀ ନାବିକମାନେ ସୃଷ୍ଟି ହୋଇସାରିଥିଲେ । ପୂର୍ବରୁ ମାର୍କୋପୋଲୋଙ୍କ ଭ୍ରମଣ ବୃତ୍ତାନ୍ତ ଓ ଟୋସ୍‌କାନେଲିଙ୍କ ପୃଥିବୀ ବର୍ତ୍ତୁଳାକାର ବୋଲି ଭୌଗୋଳିକ ପ୍ରମାଣ ଜନମାନସରେ ଅନୁସନ୍ଧିତ୍ସା ଜାଗ୍ରତ କରିଥିଲା । ଓଟୋମାନ୍ ତୁର୍କମାନଙ୍କର ୧୫୪୩ ଖ୍ରୀ:ଅ:ରେ ଗ୍ରୀସ୍ ଅଧିକାର ୟୁରୋପୀୟମାନଙ୍କୁ ପ୍ରାଚ୍ୟ ଭୂଖଣ୍ଡ ସଙ୍ଗେ ସମ୍ପର୍କ ରଖିବାରେ ଅନ୍ତରାୟ ହେଲା । ୟୁରୋପୀୟ ଦେଶମାନଙ୍କର ଜନସଂଖ୍ୟା ବୃଦ୍ଧି ଓ ଖ୍ରୀଷ୍ଟଧର୍ମଯାଜକମାନଙ୍କ ଧର୍ମ ପ୍ରଚାରର ଅଭିଳାଷ ମଧ୍ୟ ଅନ୍ୟାନ୍ୟ ଭୂଭାଗକୁ ଜଳପଥମାନ ଆବିଷ୍କାର କରିବାକୁ ପ୍ରେରଣା ଯୋଗାଇଲା । ଅନ୍ଧବିଶ୍ୱାସରେ ପରିପୂର୍ଣ୍ଣ ମଧ୍ୟଯୁଗୀୟ ଚିନ୍ତାଧାରା ଥିଲା ଯେ ପୃଥିବୀ ସମତଳ ଅଟେ ଏବଂ ଏହା ଏସିଆ, ୟୁରୋପ ଓ ଆଫ୍ରିକାକୁ ନେଇ ଗଠିତ ତଥା ଏହାର ମଧ୍ୟସ୍ଥଳ ହେଲା ଜେରୁଜେଲମ୍ । ଏଣୁ ନାବିକମାନେ କେବଳ ପୂର୍ବ ଦିଗକୁ ଯାତ୍ରା କରୁଥିଲେ । କେହି ମଧ୍ୟ ପଶ୍ଚିମରେ ଥିବା ଆଟଲାଣ୍ଟିକ୍ ବା ପ୍ରଶାନ୍ତ ମହାସାଗରକୁ ଯିବାକୁ ସାହସ କରୁନଥିଲେ । ସେମାନଙ୍କର ଧାରଣା ଥିଲା ଯେ ଏହି ମହାସାଗରମାନଙ୍କରେ ଭୟଙ୍କର ଅସୁରୀୟ ଜୀବମାନେ ବାସ କରନ୍ତି । ଏଥିରେ ସବୁବେଳେ ସାମୁଦ୍ରିକ ଝଡ଼ ଲାଗି ରହିଥାଏ ଏବଂ ସାମୁଦ୍ରିକ ଦାବାନଳ ତାର ଲେଲିହାନ ଶିଖା ବିସ୍ତାର କରିଥାଏ । ଏହାଛଡ଼ା ପଶ୍ଚିମ ଦିଗକୁ ଯାତ୍ରା କଲେ ପୃଥିବୀର ଶେଷ ଭାଗରେ ପହଞ୍ଚିଯିବାର ଭୟ ସେମାନଙ୍କୁ ଗ୍ରାସ କରିଥିଲା । କିନ୍ତୁ ନବଜାଗରଣ ଯୁଗର ବୈଜ୍ଞାନିକ ଆବିଷ୍କାର ଓ ଜ୍ଞାନର ବିକାଶ ଏହିସବୁ ଅନ୍ଧବିଶ୍ୱାସଗୁଡ଼ିକୁ ଦୂର କରି ଜନମାନସରେ ନୂତନ ଚିନ୍ତାଧାରା ଓ ଅନୁସନ୍ଧିତ୍ସା ଭରି ଦେଇଥିଲା । ଫଳରେ ଅନେକ ଭୌଗୋଳିକ ଆବିଷ୍କାର ସମ୍ଭବ ହୋଇଥିଲା ।

## ସମୁଦ୍ରଯାତ୍ରାର ଉଦ୍ଦେଶ୍ୟ (Motives of Sea Voyages) :

ମଧ୍ୟଯୁଗରୁ ୟୁରୋପ ପ୍ରାରମ୍ଭିକ ଆଧୁନିକ ଯୁଗରେ ପ୍ରବେଶ କରିବା ସମୟରେ ଯେଉଁ କେତେକ ଦୁଃସାହସିକ ସମୁଦ୍ରଯାତ୍ରାମାନ ସଙ୍ଘଟିତ ହୋଇଥିଲା; ସେଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟଦ୍ୱୟ ଥିଲା :- ଅର୍ଥନୈତିକ ଉଦ୍ଦେଶ୍ୟ ଏବଂ ଧର୍ମ ପ୍ରଚାର ଉଦ୍ଦେଶ୍ୟ ।

(କ) ଅର୍ଥନୈତିକ ଉଦ୍ଦେଶ୍ୟ (Economic Motive) :

ଏସିଆ ମହାଦେଶର ମସଲା ଏବଂ ସୌଖିନ ଦ୍ରବ୍ୟଗୁଡ଼ିକର ଚାହିଦା ମଧ୍ୟଯୁଗୀୟ ୟୁରୋପରେ ଯଥେଷ୍ଟ ଥିଲା । ଗୋଲମରିଚ, ଡାଲଚିନି, ଅଦା, ଲବଙ୍ଗ ଏବଂ ଯାଇଫଳ ପରି ମସଲା କେବଳ ଦକ୍ଷିଣ ପୂର୍ବ ଏସିଆର ବିଷୁବମଣ୍ଡଳୀୟ ଜଳବାୟୁରେ ଉତ୍ପାଦିତ ହୁଏ । ଏହି ମସଲାଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଖାଦ୍ୟଦ୍ରବ୍ୟକୁ ସଂରକ୍ଷିତ କରି ରଖିବାରେ ୟୁରୋପୀୟମାନେ ସମର୍ଥ ହେଉଥିଲେ । ଏଣୁ ରେଫ୍ରିଜେରେଟର ନଥିବା ମଧ୍ୟଯୁଗୀୟ ୟୁରୋପର ଧନୀ ୟୁରୋପୀୟମାନେ ନିଜର ଖାଦ୍ୟପଦାର୍ଥଗୁଡ଼ିକୁ ସଡ଼ି ନ ଯିବା ପାଇଁ ଏହି ସାମାନ୍ୟ ବିଶୁବ ମଣ୍ଡଳୀୟ ମସଲାଗୁଡ଼ିକ ବହୁଳ ରୂପେ ଆବଶ୍ୟକ କରୁଥିଲେ । କେବଳ ସାଧାରଣ ଲବଣ ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ସ୍ୱାଦିଷ୍ଟିକରଣ ବସ୍ତୁର ଅଭାବରେ ୟୁରୋପୀୟମାନେ ନିଜର ନିତିଦିନିଆ ସ୍ୱାଦହୀନ ଖାଦ୍ୟର ସ୍ୱାଦକୁ ନୂତନତ୍ୱ ପ୍ରଦାନ କରିବା ପାଇଁ ଏପରି ମସଲାର ବହୁଳ ବ୍ୟବହାର କରୁଥିଲେ । ବିଳମ୍ବିତ ମଧ୍ୟଯୁଗରେ ମୁସଲମାନ, ଭେନିସୀୟ ଏବଂ ଜିଓନୀୟ ବାଣିଜ୍ୟିକ ମଧ୍ୟସ୍ଥି ବା ଦଲାଲମାନଙ୍କ ଦ୍ୱାରା ସ୍ଥଳପଥରେ ଏସିଆର ମସଲା, ମୂଲ୍ୟବାନ ବସ୍ତ୍ର ଏବଂ ମଣିମୁକ୍ତା ଆଦି ୟୁରୋପୀୟମାନଙ୍କୁ ଉପଲବ୍ଧ କରାଯାଉଥିଲା, ମାତ୍ର ସେମାନେ ଏହି ପଣ୍ୟଗୁଡ଼ିକର କାରବାରରୁ ପ୍ରଚୁର ମୁନାଫା ଉଠାଉଥିବାରୁ ମୂଲ୍ୟ ବହୁଗୁଣିତ ହୋଇ ଯାଉଥିଲା । ୟୁରୋପରୁ ଜଳପଥରେ ସମୁଦ୍ରଯାତ୍ରା କରି ଦକ୍ଷିଣ ଏସିଆ ଦେଶରୁ ଏପରି ବସ୍ତୁଗୁଡ଼ିକର ପ୍ରତ୍ୟକ୍ଷ ଆମଦାନୀ କରିବା ଅପେକ୍ଷାକୃତ ରୂପେ ଅଧିକ ଶସ୍ତା ଥିଲା । ଏଣୁ ଯେକୌଣସି ବ୍ୟକ୍ତି ୟୁରୋପରୁ ସମୁଦ୍ରଯାତ୍ରା କରି ପ୍ରତ୍ୟେକ୍ଷ ରୂପେ ଉତ୍ପାଦକ ଦେଶରୁ ବିନା କୌଣସି ମଧ୍ୟସ୍ଥଙ୍କ ସହାୟତାରେ ପଣ୍ୟ ଆହାରଣ କରିବା ଅତ୍ୟଧିକ ଲାଭପ୍ରଦ ଥିଲା । ମଧ୍ୟଏସିଆରେ ଚାଲିଥିବା ବିଶୃଙ୍ଖଳିତ ପରିସ୍ଥିତି ଏସିଆ ସହ ୟୁରୋପୀୟଙ୍କ ସ୍ଥଳପଥ ବାଣିଜ୍ୟକୁ ଅତ୍ୟନ୍ତ ଅସୁରକ୍ଷିତ କରି ପକାଇଥିଲା । ଆହୁରି ମଧ୍ୟ ରେଳପଥ ଯୋଗାଯୋଗ ବ୍ୟବସ୍ଥା ପ୍ରତିଷ୍ଠିତ ହେବା ପୂର୍ବରୁ ସ୍ଥଳପଥ ବାଣିଜ୍ୟ ଅପେକ୍ଷା ଜଳପଥର ନୌବାଣିଜ୍ୟ ଶସ୍ତା ଥିଲା । ଏଣୁ ୟୁରୋପୀୟମାନେ ସମୁଦ୍ର ପଥରେ ଯାତ୍ରା କରି ସୁଦୂର ବାଣିଜ୍ୟ ବ୍ୟବସାୟରେ ମନ ବଳାଇଥିଲେ ।

(ଖ) ଧର୍ମ ପ୍ରଚାର ଉଦ୍ଦେଶ୍ୟ (Motive of Religious Preaching) :

ଅଣ ଖ୍ରୀଷ୍ଟିଆନ ଦେଶର ଅଧିବାସୀମାନଙ୍କୁ ଖ୍ରୀଷ୍ଟଧର୍ମର ଦୀକ୍ଷିତ କରିବା ପାଇଁ ଖ୍ରୀଷ୍ଟିୟ ଧର୍ମଗୁରୁମାନେ ୟୁରୋପର ଶାସକ ଗୋଷ୍ଠୀଙ୍କୁ ପ୍ରଭାବିତ କରିଥିଲେ । ୟୁରୋପୀୟମାନେ କଳ୍ପନା କରିଥିଲେ ଯେ "ପୂର୍ବାଞ୍ଚଳ ଦେଶଗୁଡ଼ିକରେ ଥିବା ଇସଲାମୀୟ ଧର୍ମର ଅଧିବାସୀମାନେ ପ୍ରକୃତରେ ହଜିଯାଇଥିବା ଖ୍ରୀଷ୍ଟଧର୍ମାବଲମ୍ବୀ (Lost Christians) ଅଟନ୍ତି" । ଏଣୁ ସେମାନଙ୍କୁ ପୁର୍ନବାର ଖ୍ରୀଷ୍ଟଧର୍ମକୁ ଫେରାଇ ଆଣିବାକୁ ଇଟାଲୀୟ ନବଜାଗରଣ ପୂର୍ବର ମଧ୍ୟଯୁଗୀୟ ୟୁରୋପୀୟମାନେ ନିଜର ନୈତିକ କର୍ତ୍ତବ୍ୟ ରୂପେ ବିବେଚନା କରୁଥିଲେ । ଏହା ସେମାନଙ୍କୁ ପୂର୍ବ ଏସିଆ ଏବଂ ଅନ୍ୟାନ୍ୟ ଅନଗ୍ରସର ନୂତନ ଭୂଭାଗ ଦିଗରେ ନୌଯାତ୍ରା କରିବା ପାଇଁ ଅନୁପ୍ରାଣିତ କରିଥିଲା ।

## ମାର୍କୋପୋଲୋ : ୧୨୫୪-୧୩୨୪ ଖ୍ରୀ:ଅ: ଭୌଗଳିକ ଅଭିଯାତ୍ରା

## (Marcopolo : 1254 – 1324 A.D.) : (Geographical Explorations) :

ଭେନିସ୍‌ରେ ୧୨୫୪ ଖ୍ରୀ:ଅ:ରେ ମାର୍କୋପୋଲୋଙ୍କ ଜନ୍ମ । ତାଙ୍କ ପିତା ନିକୋଲି ପୋଲୋ ଭେନିସ୍‌ର ଅନ୍ୟ ବ୍ୟବସାୟୀଙ୍କ ସଙ୍ଗେ ମଧ୍ୟପ୍ରାଚ୍ୟ ଓ ଚୀନ୍ ସୀମା ପର୍ଯ୍ୟନ୍ତ ବ୍ୟବସାୟ ପାଇଁ ସ୍ଥଳପଥରେ ଯାତ୍ରା କରୁଥିଲେ । ୧୨୭୧ ଖ୍ରୀ:ଅ:ରେ ଇଟାଲୀରୁ ଯାତ୍ରା ଆରମ୍ଭ କରି ମାର୍କୋପୋଲୋ ସ୍ଥଳପଥରେ ପାଲେଷ୍ଟାଇନ୍, ଆର୍ମେନିଆ, ମେସୋପଟାମିଆ, ପାରସ୍ୟ, ପାମିର୍, କାଶ୍‌ଗଡ୍ ଓ ଖୋଟାନ୍ ଦେଇ ଯାତ୍ରାକରି ଶେଷରେ ୧୨୭୫ ଖ୍ରୀ:ଅ:ରେ ଚୀନ୍‌ର

ରାଜଧାନୀ ପେକିଙ୍ଗ୍‌ରେ ପହଞ୍ଚିଥିଲେ । ସେତେବେଳର ଚୀନ୍ ସମ୍ରାଟ୍ କୁବ୍‌ଲାଇ ଖାଁ ମାର୍କୋପୋଲୋଙ୍କୁ ତାଙ୍କ ରାଜସଭାରେ ସସମ୍ମାନ ଗ୍ରହଣ କଲେ । ସେଠାରେ ସେ ୧୨୭୫ ଖ୍ରୀ:ଅ:ରୁ ୧୨୯୨ ଖ୍ରୀ:ଅ: ପର୍ଯ୍ୟନ୍ତ ୧୭ ବର୍ଷ କାଳ ଅବସ୍ଥାନ କଲେ । ତାଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ସମ୍ରାଟ ତାଙ୍କୁ ୩ ବର୍ଷ ପାଇଁ ୟାଙ୍ଗଚାଉ୍ ନଗରୀର ରାଜ୍ୟପାଳ ରୂପେ ଅଧିଷ୍ଠିତ କରିଥିଲେ ।

୧୨୯୨ ଖ୍ରୀ:ଅ:ରେ ମାର୍କୋପୋଲୋ ଜଳପଥରେ ଚୀନ୍‌ରୁ ଯାତ୍ରା ଆରମ୍ଭ କରି ଜାହାଜରେ ବର୍ମା, ସୁମାତ୍ରା ଓ ଦକ୍ଷିଣ ଭାରତ ଦେଇ ପାରସ୍ୟର ଖାଡ଼ି (Persian Gulf)ରେ ପହଞ୍ଚିଲେ । ସେଠାରୁ ସେ ଇଟାଲୀକୁ ଯାତ୍ରା କରି ପାରସ୍ୟ ଓ କନ୍‌ଷ୍ଟାଣ୍ଟିନୋପଲ୍ ମଧ୍ୟଦେଇ ୧୨୯୫ ଖ୍ରୀ:ଅ:ରେ ଭେନିସ୍‌ରେ ପହଞ୍ଚିଥିଲେ । କିନ୍ତୁ ଦୀର୍ଘ ୨୪ ବର୍ଷର ଅନୁପସ୍ଥିତିରେ ତାଙ୍କର ପରିବାରବର୍ଗ ତାଙ୍କୁ ଭୁଲିଯାଇଥିଲେ । ସେମାନେ ତାଙ୍କର ମୃତ୍ୟୁ ହୋଇଯାଇଛି ବୋଲି ଭାବି ନେଇଥିଲେ । କିଛିଦିନର ସହାବସ୍ଥାନ ପରେ ସେମାନେ ତାଙ୍କୁ ଚିହ୍ନିପାରି ଅତ୍ୟନ୍ତ ଖୁସି ହୋଇ ଉତ୍ସବମୁଖର ହୋଇପଡ଼ିଥିଲେ । ମାର୍କୋପୋଲୋ ଚୀନ୍ ସମ୍ରାଟଙ୍କଠାରୁ ଉପହାରରେ ପାଇଥିବା ଦୁର୍ମୂଲ୍ୟ ରେଶମବସ୍ତ୍ର ଓ ରତ୍ନ ଅଳଙ୍କାରମାନ ସେମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ ।

ଏହାପରେ ପରେ ଭେନିସ୍ ଓ ଜେନୋଆ ମଧ୍ୟରେ ଏକ ନୌଯୁଦ୍ଧରେ ଯୋଗଦେଇ ମାର୍କୋପୋଲୋ ଜେନୋଆର ସେନାବାହିନୀ ଦ୍ୱାରା ଜଣେ ଯୁଦ୍ଧବନ୍ଦୀ ରୂପେ କାରାବରଣ କଲେ । ଏହି ସମୟରେ କାରାଗାର ମଧ୍ୟରେ ସେ ତାଙ୍କର ଚୀନ୍ ଗସ୍ତ ଓ ସେଠାରୁ ପ୍ରତ୍ୟାବର୍ତ୍ତନର ରୋମାଞ୍ଚକର ଭ୍ରମଣ କାହାଣୀର ଚାକ୍ଷୁଷ ବର୍ଣ୍ଣନା ଉପସ୍ଥାପନା ପୂର୍ବକ ଏକ ପୁସ୍ତକ ରଚନା କରିଥିଲେ । ଭୌଗୋଳିକ, ସାମାଜିକ ଓ ରାଜନୈତିକ ତଥ୍ୟପୂର୍ଣ୍ଣ ଏହି ପୁସ୍ତକଟି ''ମାର୍କୋପୋଲୋଙ୍କ ପୁସ୍ତକ'' (The Book of Marco Polo) ରୂପେ ପ୍ରକାଶିତ ହୋଇ ପରବର୍ତ୍ତୀ ନୌଯାତ୍ରୀ ଓ ଆବିଷ୍କର୍ତ୍ତାମାନଙ୍କର ଦିଗ୍‌ଦର୍ଶକ ହୋଇଥିଲା । ଏହି ପୁସ୍ତକଟି ଅନେକ ଆଞ୍ଚଳିକ ଭାଷାରେ ଅନୁବାଦିତ ହୋଇ ପାଠକୀୟ ସ୍ୱୀକୃତି ମଧ୍ୟ ଲାଭ କରିଥିଲା । ୧୩୨୪ ଖ୍ରୀ:ଅ:ରେ ମାର୍କୋପୋଲୋଙ୍କର ମୃତ୍ୟୁ ହୋଇଥିଲା ।

## ନାବିକ କମ୍ପାସର ଉଦ୍ଭାବନ (Invention of Mariner's Compass) :

ତ୍ରୟୋଦଶ ଶତାବ୍ଦୀର ଶେଷଭାଗକୁ ୟୁରୋପରେ ନାବିକ କମ୍ପାସ (Mariner's Compass)ର ଉଦ୍ଭାବନ ହେବା ଫଳରେ ସମୁଦ୍ରଯାତ୍ରା ଅଧିକ ସରଳ ଓ ନିର୍ଭରଯୋଗ୍ୟ ହୋଇପାରିଥିଲା । ଏହାପୂର୍ବରୁ ସମୁଦ୍ରର ଅନନ୍ତ ଜଳରାଶି ମଧ୍ୟରେ ନାବିକମାନେ ଦିନରେ ସୂର୍ଯ୍ୟ ଏବଂ ରାତ୍ରିରେ ଚନ୍ଦ୍ର କିମ୍ବା ଉତ୍ତରରେ ଧ୍ରୁବତାରା ଦ୍ୱାରା ସେମାନଙ୍କର ଯାତ୍ରାର ଦିଗନିର୍ଣ୍ଣୟ କରୁଥିଲେ । ଏଣୁ ମେଘାଛନ୍ନ କିମ୍ବା କୁହୁଡ଼ିଘେରା ପାଗରେ ସେମାନେ ଦିଗହରା ହୋଇପଡୁଥିଲେ । ଫଳରେ ଅନେକ ପୋତ ଦୁର୍ଘଟଣା କିମ୍ବା ବାଟବଣା ହୋଇ ପ୍ରଭୂତ ଧନ ଜୀବନର କ୍ଷୟ କ୍ଷତି ଘଟୁଥିଲା ।

ନାବିକ କମ୍ପାସର ବିଶେଷତ୍ୱ ହେଲା ଏଥିରେ ବ୍ୟବହାର କରାଯାଉଥିବା ସୂଚୀ ଚୁମ୍ବକ (Needle Magnate)ଟି ସବୁବେଳେ ଲମ୍ବ ଭାବେ ଉତ୍ତର-ଦକ୍ଷିଣ ହୋଇ ରହେ । ଏଣୁ ଏହି ଦୁଇ ମୁଣ୍ଡକୁ ଉତ୍ତର-ଦକ୍ଷିଣ ରୂପେ ଚିହ୍ନିତ କରାଯାଇ ଯେକୌଣସି ସ୍ଥାନର ଦିଗଗୁଡ଼ିକୁ ସହଜରେ ଚିହ୍ନାଯାଇପାରେ । ନାବିକମାନେ ଜାହାଜରେ ଏହି କମ୍ପାସ୍ ବ୍ୟବହାର କରି ପ୍ରତିକୂଳ ପାଗରେ ମଧ୍ୟ ନିଶ୍ଚିତ ଭାବେ ସଠିକ ଦିଗ ନିର୍ଣ୍ଣୟ କରିପାରନ୍ତି । ବ୍ୟବହୃତ ସମସ୍ତ ମାନଚିତ୍ରଗୁଡ଼ିକର ଉପର ପାଖକୁ ହିଁ ଉତ୍ତର ଦିଗ ରହେ ଏଣୁ କମ୍ପାସ୍ ଉପର ମୁଣ୍ଡ ସବୁବେଳେ ଉତ୍ତର ଦିଗକୁ ନିର୍ଦ୍ଦେଶ କରେ । ଏହାଛଡ଼ା ବିଭିନ୍ନ ମାନଚିତ୍ର ଓ ସାରିଣୀ (Chart) ମାନ ପ୍ରସ୍ତୁତ କରାଯାଇ ବିଭିନ୍ନ ସାଗର, ମରୁଭୂମି, ମହାସାଗର, ପର୍ବତମାଳା, ହ୍ରଦ, ନଗର, ରାସ୍ତାଘାଟ, ବୃହତ କେନାଲ, ପ୍ରଣାଳୀ, ଖାଡ଼ି ଏବଂ ବତୀଘର ଆଦି ସେଥିରୁ ଚିହ୍ନିତ କରାଗଲା । ଏଥିରେ ମଧ୍ୟ ବିଭିନ୍ନ ସାଗରର ଗଭୀରତା, ପର୍ବତର ଉଚ୍ଚତା ତଥା ଏକ ସ୍ଥାନରୁ ଅନ୍ୟ ସ୍ଥାନର ଦୂରତା ଆଦି ଦର୍ଶାଯାଇଥିଲା ।

# ପର୍ତ୍ତୁଗିଜୀୟ ଅଭିଯାତ୍ରା
# (Portugal's Explorations)

ମଧ୍ୟଯୁଗରେ ନୂତନ ଭୂଖଣ୍ଡମାନ ଆବିଷ୍କାର କରିବାରେ ପର୍ତ୍ତୁଗାଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ନୂତନ ଭୂଖଣ୍ଡର ଉପନିବେଶଗୁଡ଼ିକରୁ ପ୍ରଭୂତ ଧନରତ୍ନ ସଂଗ୍ରହ କରିବା ଏହି ଦୁଃସାହସିକ ସମୁଦ୍ର ଯାତ୍ରାଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ପର୍ତ୍ତୁଗାଲ୍‌ର ଯୁବରାଜ ହେନେରୀ (୧୩୯୪-୧୪୬୦ ଖ୍ରୀ:ଅ:) ଜଣେ ଦକ୍ଷ ନାବିକ ଥିଲେ । ସେ ଏକ ନୌଚାଳନା ସ୍କୁଲ ପ୍ରତିଷ୍ଠା କରି ନୂତନ ନାବିକ ଶିକ୍ଷା ନବୀସ୍‌ମାନଙ୍କୁ ସମୁଦ୍ର ଯାତ୍ରାର ବିଭିନ୍ନ ସମସ୍ୟା, କୌଶଳ, ସ୍ୱତନ୍ତ୍ର ଖାଦ୍ୟପାନୀୟର ବ୍ୟବସ୍ଥା ଏବଂ ନୌଯାତ୍ରା ସମୟରେ ସମ୍ମୁଖୀନ ହେବାକୁ ପଡୁଥିବା ଅସୁବିଧାଗୁଡ଼ିକୁ ସାମନା କରିବାର କଳା ବିଷୟରେ ତାଲିମ ଦେଉଥିଲେ । ସେ ମଧ୍ୟ ଉତ୍ସାହୀ ନାବିକମାନଙ୍କୁ ସମୁଦ୍ରଯାତ୍ରା ପାଇଁ ପୃଷ୍ଠପୋଷକତା କରୁଥିଲେ । ପର୍ତ୍ତୁଗୀଜମାନେ ପ୍ରଥମେ ଆଟଲାଣ୍ଟିକ୍ ମହାସାଗରକୁ ଯାତ୍ରା କରି ୧୪ଶ ଶତାବ୍ଦୀରେ ଅଜୋରେସ୍ ଏବଂ କାନାରିସ୍ ଆବିଷ୍କାର କରିଥିଲେ । ୧୪୨୦ ଖ୍ରୀ:ଅ:ରେ ହେନେରୀଙ୍କ ନାବିକମାନେ ମାଡ଼େରିଆ ଆବିଷ୍କାର କଲେ ଏବଂ ୧୪୪୨ ଖ୍ରୀ:ଅ:ରେ ଆଫ୍ରିକାର ଗିନି ଉପକୂଳରେ ପହଞ୍ଚିଥିଲେ । ୧୪୮୬ ଖ୍ରୀ:ଅ:ର ପର୍ତ୍ତୁଗୀଜ ନାବିକ ବାର୍ଥଲୋମ୍ୟୁ ଡିଆଜ୍ ଦକ୍ଷିଣ ଆଫ୍ରିକାର ଶେଷ ଭାଗରେ ଥିବା ଅନ୍ତରୀପରେ ପହଞ୍ଚିଥିଲେ । ସେତେବେଳେ ସେଠାରେ ପ୍ରବଳ ଝଡ଼ତୋଫାନ ହେଉଥିବାରୁ ସେ ତାକୁ ''ଝଡ଼ ଅନ୍ତରୀପ'' (Cape of Storm) ଭାବେ ନାମିତ କରିଥିଲେ । କିନ୍ତୁ ଏହି ଉପଦ୍ୱୀପର ଆବିଷ୍କାର ଭାରତ ସହ ବାଣିଜ୍ୟ ବ୍ୟବସାୟର ଆଶା ଉଜ୍ଜ୍ୱଳ କରିବାରୁ ଏହାକୁ ପରବର୍ତ୍ତୀ କାଳରେ ପର୍ତ୍ତୁଗୀଜର ସମ୍ରାଟ ଜନ୍-ଦ୍ୱିତୀୟ ''ଉତ୍ତମାଶା ଅନ୍ତରୀପ'' (Cape of Good Hope) ଆଖ୍ୟା ଦେଇଥିଲେ ଯାହାକି ଆଜି ପର୍ଯ୍ୟନ୍ତ ବଳବତ୍ତର ଅଛି ।

## ରାଜକୁମାର ହେନେରୀ–ନାବିକ ହେନେରୀ (Prince Henry, the Navigator) :

ଖ୍ରୀଷ୍ଟୀୟ ପଞ୍ଚଦଶଶତାବ୍ଦୀର ପ୍ରାରମ୍ଭରେ ପର୍ତ୍ତୁଗୀଜମାନେ ସାମୁଦ୍ରିକ ଅଭିଯାତ୍ରାରେ ରୁଚି ପ୍ରଦର୍ଶନ କରିଥିଲେ । ସମ୍ଭବତଃ ପର୍ତ୍ତୁଗୀଜମାନେ ପ୍ରଥମେ ଆମେରିକାର ଭୂଭାଗରେ ପହଞ୍ଚି ପାରିଥିଲେ, ମାତ୍ର ଏହା ସେମାନଙ୍କୁ ଜଣାନଥିଲା । ପର୍ତ୍ତୁଗୀଜର ପ୍ରିନ୍ସ ହେନେରୀ ସାମୁଦ୍ରିକ ଜଳଯାତ୍ରାରେ ବିଶେଷ ଆଗ୍ରହ ରଖୁଥିବାରୁ ତାଙ୍କୁ "ନାବିକ" (The Navigator) ରୂପେ ସମ୍ମାନର ସହ ଉଦ୍‌ବୋଧିତ କରାଯାଉଥିଲା । ସେ ପର୍ତ୍ତୁଗାଲରେ ଏକ ନାବିକ ବିଦ୍ୟାଳୟ ପ୍ରତିଷ୍ଠା କରି ସମୁଦ୍ର ଯାତ୍ରା ପାଇଁ ନାବିକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଥିଲେ । ତାଙ୍କ ବିଦ୍ୟାଳୟରୁ ପ୍ରଶିକ୍ଷିତ ନାବିକମାନେ ନୌଯାତ୍ରାରେ କେପ୍ ଭର୍ଡି (Cape Verde) ଅନ୍ତରୀପ ପର୍ଯ୍ୟନ୍ତ ପହଞ୍ଚିବାରେ ସଫଳ ହୋଇଥିଲେ । ସେମାନେ ଗୋଲ୍‌ଡ କୋଷ୍ଟ ଏବଂ କଙ୍ଗୋନଦୀର ମୁହାଣ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚି ପାରିଥିଲେ । ମାତ୍ର ବିଷୁବରେଖା ପାରିହେବା ପରେ ସେମାନେ ପଥବଣା ହୋଇଯାଇଥିଲେ, କାରଣ ସେତେବେଳେ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିବା ଜଳଯାତ୍ରା ମାନଚିତ୍ରରେ ବିଷୁବରେଖା ପରଠାରୁ ଉତ୍ତର ଆକାଶ ଏବଂ ତାହାର ଗଗନମଣ୍ଡଳୀୟ ସଙ୍କେତର ଗୁଡ଼ିକର କୌଣସି ଉଲ୍ଲେଖ ନଥିଲା । ତେଣୁ ସେମାନେ ନୂତନ ମାନଚିତ୍ରମାନ ପ୍ରସ୍ତୁତ କଲେ । ଏହା ସାହାଯ୍ୟରେ ପେଡ୍ରୋ ଅଲଭାରେସ୍ କାବ୍ରାଲ୍ (Pedro Cabral) ୧୫୦୧ ଖ୍ରୀ:ଅ:ରେ ଦକ୍ଷିଣ ଆମେରିକାର ବ୍ରାଜିଲଠାରେ ପହଞ୍ଚିବାରେ ସଫଳ ହୋଇଥିଲେ । ସେ ଏହାକୁ ପର୍ତ୍ତୁଗାଲ ସମ୍ରାଟଙ୍କ ନାମରେ ଅଧିକାର କରି ସେଠାରେ ପର୍ତ୍ତୁଗାଲର ଏକ ଉପନିବେଶ ସ୍ଥାପନ କରିଥିଲେ ।

ୟୁରୋପର ଯେଉଁ ତିନିଜଣ ମହାନ ନାବିକ ଆମେରିକା, ଭାରତ ଓ ପୃଥିବୀକୁ ଜଳପଥରେ ପରିକ୍ରମା କରିବାର ପଥ ଆବିଷ୍କାର କରିଥିଲେ ସେମାନେ କ୍ରମାନ୍ୱୟରେ ହେଲେ ଖ୍ରୀଷ୍ଟୋଫର୍ କଲମ୍ବସ୍, ଭାସ୍କୋ-ଡ଼ା-ଗାମା ଓ ଫର୍ଡ଼ିନାଣ୍ଡ୍ ମାଗେଲାନ୍ । ବିଭିନ୍ନ ଜଳପଥରେ ବହୁ ଘାତ ପ୍ରତିଘାତ ମଧ୍ୟରେ ସେମାନଙ୍କ ଐତିହାସିକ ଜଳଯାତ୍ରା ସବୁଦିନ ପାଇଁ ଜନମାନସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

**ଭାସ୍କୋଡ଼ାଗାମା : ୧୪୬୦-୧୫୨୪ ଖ୍ରୀ:ଅ: (Vascodagama : 1460 – 1524 AD) :**

ଭାସ୍କୋଡ଼ାଗାମା ୧୪୬୦ ଖ୍ରୀ:ଅ:ରେ ପର୍ତ୍ତୁଗାଲରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ପର୍ତ୍ତୁଗୀଜ ରାଜଦରବାରରେ ଜଣେ ପାରିଷଦ ଥିଲେ । କିନ୍ତୁ ଭାସ୍କୋଡ଼ାଗାମା କୌଣସି ମର୍ଯ୍ୟାଦାଜନକ ରାଜ ପଦପଦବୀ ଗ୍ରହଣ ନ କରି ଜଣେ ଦୁଃସାହସିକ ନାବିକର ପେଷାକୁ ଆପଣାଇ ନେଇଥିଲେ । ପର୍ତ୍ତୁଗାଲର ସମ୍ରାଟ ମଧ୍ୟ ତାଙ୍କର ଦୁଃସାହସିକ ନୌଯାତ୍ରାର ସପକ୍ଷରେ ଥିଲେ । ଏଣୁ ସେ ୧୪୯୭ ଖ୍ରୀ:ଅ:ରେ ସମ୍ରାଟଙ୍କ ପୃଷ୍ଠପୋଷକତାରେ ରାଜଧାନୀ ଲିସବନ୍‌ରୁ ୪ଟି ଜାହାଜ ଧରି ପର୍ତ୍ତୁଗାଲରୁ ଭାରତକୁ ଏକ ଜଳପଥ ଆବିଷ୍କାର କରିବା ପାଇଁ ବାହାରିପଡ଼ିଲେ । ସେ ଆଫ୍ରିକା ମହାଦେଶର ଉତ୍ତମାଶା ଅନ୍ତରୀପରେ ପହଞ୍ଚିଲା ବେଳକୁ ଏକ ସାମୁଦ୍ରିକ ଝଡ଼ର ସମ୍ମୁଖୀନ ହେଲେ, ଫଳରେ ତାଙ୍କର ପୋତଗୁଡ଼ିକ ଦିଗହରା ହୋଇ ସେହି ଅନ୍ତରୀପ ଚାରିପଟେ ୫ ଥର ଘୂରି ବୁଲିଥିଲା । ଶେଷରେ ସେଠାରୁ ସେ ଉତ୍ତରକୁ ଅଗ୍ରସର ହୋଇ ଜାଞ୍ଜିବର ଅତିକ୍ରମ କରିବା ପରେ ଜଣେ ଆରବ ଫେରନ୍ତା ଭାରତୀୟ ନାବିକ (କେତେକଙ୍କ ମତରେ ଆରବୀୟ)ଙ୍କ ସହାୟତାରେ ଭାରତ ମହାସାଗରରେ ପ୍ରବେଶ କରି ଶେଷରେ ମେ ୨୦ ତାରିଖ ୧୪୯୮ ଖ୍ରୀ:ଅ:ରେ ଦକ୍ଷିଣ ଭାରତର ପଶ୍ଚିମରେ ଥିବା ଆରବସାଗର ତଟସ୍ଥ ମାଲାବାର ଉପକୂଳର କାଲିକଟ୍‌ରେ ପହଞ୍ଚିଥିଲେ । ଯୁରୋପରୁ ଭାରତକୁ ଏହି ଜଳପଥର ଆବିଷ୍କାର ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । କାରଣ ଏହା ପୃଥିବୀର ସେ ସମୟର ସଭ୍ୟ ସମାଜ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇଥିଲା ।

ସେତେବେଳେ କାଲିକଟ୍‌ର ହିନ୍ଦୁରାଜା ଜାମୋରିନ୍‌ଙ୍କ ଶାସନ ଥିଲା । ଭାସ୍କୋଡ଼ାଗାମା ରାଜଦରବାରରେ ଉପସ୍ଥିତ ହୋଇ ସମ୍ରାଟଙ୍କ ପାଦ ଛୁଇଁ ପର୍ତ୍ତୁଗାଲ ସହ ବାଣିଜ୍ୟିକ ସୁସମ୍ପର୍କ ଆରମ୍ଭ କରିବା ପାଇଁ ପର୍ତ୍ତୁଗାଲ୍ ସମ୍ରାଟଙ୍କ ପକ୍ଷରୁ ଅନୁରୋଧ କରିଥିଲେ । ଜାମୋରିନ୍ ମଧ୍ୟ ସନ୍ତୁଷ୍ଟ ହୋଇ ତାଙ୍କୁ ଭାରତରେ ବ୍ୟବସାୟ ବାଣିଜ୍ୟ କରିବାପାଇଁ ଅନୁମତି ଦେଇଥିଲେ । ଏଠାରୁ ପ୍ରଭୂତ ଧନସମ୍ପତ୍ତି ଓ ଭାରତୀୟ ଉତ୍କୃଷ୍ଟ ମସଲାମାନ ସଂଗ୍ରହ କରି କିଛି ମାସର ଅବସ୍ଥାନ ପରେ ୧୪୯୯ ଖ୍ରୀ:ଅ:ରେ ଭାସ୍କୋଡ଼ାଗାମା ଲିସବନ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପର୍ତ୍ତୁଗାଲରେ ପହଞ୍ଚିବା ପରେ ସମ୍ରାଟ ଏବଂ ଜନସାଧାରଣ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

ଏହାପରେ ସେ ୧୫୦୮ ଖ୍ରୀ:ଅ: ରେ ଦଶଟି ଜାହାଜରେ ପୁନର୍ବାର ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରି ସେହି କାଲିକଟ୍‌ରେ ପହଞ୍ଚିଥିଲେ । ଏଥର ସେ ଆରବ ସାଗରରେ ଲୁଣ୍ଠନ କରୁଥିବା ଆରବ ଜଳଦସ୍ୟୁମାନଙ୍କୁ ସମୁଚିତ ଶିକ୍ଷା ଦେଲେ । ସେଠାରୁ ସେ ଶ୍ରୀଲଙ୍କା, ସୁମାତ୍ରା ଓ ଜାଭା ଆଦି ଦେଶ ଗସ୍ତ କରି ବାଣିଜ୍ୟିକ ସାମ୍ରାଜ୍ୟମାନ ପ୍ରତିଷ୍ଠା କରି ୧୫୧୭ ଖ୍ରୀ:ଅ:ରେ ଚୀନ୍‌ର କାଣ୍ଟନ୍‌ଠାରେ ପହଞ୍ଚିଥିଲେ । ଏଥର ସଂଗ୍ରହ କରିଥିବା ପ୍ରାଚ୍ୟର ଧନସମ୍ପଦରେ ସେ ପର୍ତ୍ତୁଗାଲର ରାଜକୋଷକୁ ପୂର୍ଣ୍ଣ କରି ଦେଇଥିଲେ । ତୃତୀୟ ତଥା ଅନ୍ତିମ ଜଳଯାତ୍ରାରେ ବାହାରି ଭାସ୍କୋଡ଼ାଗାମା ୧୫୨୪ ଖ୍ରୀ:ଅ:ରେ କାଲିକଟ୍‌କୁ ପରିଦର୍ଶନ କରିଥିଲେ । ମାତ୍ର ଡିସେମ୍ବର ୨୪ ତାରିଖ ୧୫୨୪ ଖ୍ରୀ:ଅ:ରେ ଶାରୀରିକ ଅସୁସ୍ଥତାରୁ କାଲିକଟ୍‌ରେ ହିଁ ଚିରନିଦ୍ରାରେ ଶୋଇଯାଇଥିଲେ । ତାଙ୍କର ପାର୍ଥିବ ଶରୀରକୁ ପର୍ତ୍ତୁଗାଲକୁ ନିଆଯାଇ ଲିସ୍‌ବନ୍‌ଠାରେ ଅନ୍ତିମ ସଂସ୍କାର କରାଯାଇଥିଲା ।

ଭୌଗୋଳିକ ଆବିଷ୍କାରମାନଙ୍କ ମଧ୍ୟରେ ଆଫ୍ରିକା ମହାଦେଶକୁ ପ୍ରଦକ୍ଷିଣ କରି ଯୁରୋପରୁ ଭାରତକୁ ଏକ ସିଧା ଜଳପଥର ଆବିଷ୍କାର କରିବା ଏକ ନୂତନ ଅଧ୍ୟାୟ ଥିଲା ଏବଂ ଏହାର ଶ୍ରେୟଃ କେବଳ ଏହି ଦୁର୍ଦ୍ଧର୍ଷ କର୍ମବୀର ଭାସ୍କୋଡ଼ାଗାମାଙ୍କୁ ପ୍ରାପ୍ତ ହୁଏ । ଏହାପରେ ପର୍ତ୍ତୁଗୀଜମାନେ ୧୫୪୨ ଖ୍ରୀ:ଅ:ରେ ଚୀନରୁ ଜାପାନରେ ପହଞ୍ଚିଥିଲେ । ୧୪୯୭ ଖ୍ରୀ:ଅ:ରେ ଇଟାଲୀର ନାବିକ ଜନ୍ କାବୋଟ୍ ଇଂଲଣ୍ଡର ସମ୍ରାଟଙ୍କ ପୃଷ୍ଠପୋଷକତାରେ ନିଉଫାଉଣ୍ଡ୍‌ଲ୍ୟାଣ୍ଡ, ୧୫୦୦ ଖ୍ରୀ:ଅ:ରେ ପର୍ତ୍ତୁଗୀଜ ନାବିକ କାବ୍ରାଲ୍ ଦକ୍ଷିଣ ଆମେରିକାର ବ୍ରାଜିଲ୍ ଏବଂ ୧୫୧୩ ଖ୍ରୀ:ଅ:ରେ ସ୍ପେନୀୟ ଅଭିଯାତ୍ରୀ ଭାସ୍‌କୋ ବାଲ୍‌ବୋଆ ଆମେରିକାର ପାନାମା ଆବିଷ୍କାର କରିଥିଲେ ।

୧୫୪୨ ଖ୍ରୀ:ଅ:ର ପର୍ତ୍ତୁଗୀଜ ଅଭିଯାତ୍ରୀ ଦଳରେ ଫ୍ରାନ୍‌ସିସ୍ ଜାଭିୟର ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ଜାପାନରେ ପହଞ୍ଚିଥିଲେ । ସେ ଅନେକ ଭାରତୀୟ ଏବଂ ଜାପାନୀମାନଙ୍କୁ ଏହି ଧର୍ମରେ ଦୀକ୍ଷିତ କରି ପ୍ରାଚ୍ୟରେ ଖ୍ରୀଷ୍ଟଧର୍ମର ବୀଜ ବପନ କରିଥିଲେ ।

## ସ୍ପେନୀୟ ଅଭିଯାତ୍ରା
## (The Spanish Explorations)

**ଖ୍ରୀଷ୍ଟୋଫର୍ କଲମ୍ବସ୍ : ୧୪୫୧-୧୫୦୬ ଖ୍ରୀ:ଅ: (Christopher Columbus : 1451–1506 A.D.) :**

ଜେନୋଆର ଏକ ଦରିଦ୍ର ପରିବାରରେ ୧୪୫୧ ଖ୍ରୀ:ଅ:ରେ ଜନ୍ମଗ୍ରହଣ କରିଥିବା ଏହି ସାହସୀ ନାବିକ ଖୁବ୍ ଉଚ୍ଚାଭିଳାଷୀ ଥିଲେ । ଯୁବାବସ୍ଥାରେ ସେ ପର୍ତ୍ତୁଗାଲର ନୌବିଭାଗରେ ଯୋଗଦେଇ ବ୍ରିଟେନ୍ ଓ ଆଇସ୍‌ଲାଣ୍ଡ୍ ଇତ୍ୟାଦି ରାଷ୍ଟ୍ରକୁ ଗସ୍ତ କରିଥିଲେ । ସେ ଟୋସ୍‌କାନେଲିଙ୍କ ଭୌଗୋଳିକ ପୁସ୍ତକ ଦ୍ୱାରା ଅନୁପ୍ରାଣିତ ହୋଇ ଗୋଲାକାର ପୃଥିବୀର ପଶ୍ଚିମ ଦିଗରେ ଥିବା ଆଟଲାଣ୍ଟିକ୍ ମହାସାଗରରେ ଯାତ୍ରା କରି ପୂର୍ବରେ ଥିବା ଚୀନ୍ ଓ ଭାରତ ଆଦି ଦେଶରେ ପହଞ୍ଚିପାରିବେ ବୋଲି ଏକ ପ୍ରକଳ୍ପ ପ୍ରସ୍ତୁତ କଲେ । ତାଙ୍କର ଏହି ସ୍ୱପ୍ନର ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ସେ ଦୀର୍ଘ ୧୮ ବର୍ଷ କାଳ ପର୍ତ୍ତୁଗାଲ୍ ଓ ସ୍ପେନ୍‌ର ଶାସକମାନଙ୍କୁ ପ୍ରବର୍ତ୍ତାଇଥିଲେ । ବହୁଦିନ ପର୍ଯ୍ୟନ୍ତ ତାଙ୍କୁ କେହି ଆର୍ଥିକ ସାହାଯ୍ୟ ଦେଲେ ନାହିଁ, ପରନ୍ତୁ ତାଙ୍କର ଏହି ମହନୀୟ ପ୍ରକଳ୍ପକୁ ଠିକ୍ ରୂପେ ବୁଝିନଥିବା ଲୋକେ ତାଙ୍କୁ ଥଟ୍ଟା ଓ ସମାଲୋଚନା କରିବାକୁ ପଛାଇନଥିଲେ । ଉଦ୍‌ଯୋଗୀ ପୁରୁଷମାନେ ସେମାନଙ୍କ ଲକ୍ଷ୍ୟପଥରୁ ସହଜରେ ବିଚ୍ୟୁତ ହୁଅନ୍ତି ନାହିଁ । ପର୍ତ୍ତୁଗାଲ୍‌ର ସମ୍ରାଟ ଜନ୍-ଦ୍ୱିତୀୟଙ୍କ ଠାରୁ ନିରାଶ ହେବାପରେ ସେ ନିଜ ଦେଶ ତ୍ୟାଗ କରି ସ୍ପେନ୍‌କୁ ଚାଲିଆସିଲେ । ସେତେବେଳେ ସମ୍ରାଟ ଫର୍ଡ଼ିନାଣ୍ଡ୍ ଓ ସାମ୍ରାଜ୍ଞୀ ଇସାବେଲା ସ୍ପେନ୍‌ରେ ଶାସନ କରୁ ଥିଲେ । ରାଣୀ ଇସାବେଲାଙ୍କୁ ପ୍ରଭାବିତ କରି କଲମ୍ବସ୍ କିଛିଦିନ ପରେ ସମ୍ରାଟଙ୍କର ପୃଷ୍ଠପୋଷକତା ଲାଭ କଲେ, କିନ୍ତୁ ସର୍ତ୍ତ ରହିଲା ଯେ ଏସିଆ ମହାଦେଶରୁ ଅମାପ ଧନସମ୍ପଦ ଆଣିବେ ଏବଂ ସେଠାର ସମସ୍ତ ଅଧିବାସୀଙ୍କୁ ଖ୍ରୀଷ୍ଟଧର୍ମରେ ଅନୁପ୍ରାଣିତ କରିବେ । ଗ୍ରେନଡ଼ା ଯୁଦ୍ଧ ପରେ ସ୍ପେନ୍ ସମ୍ରାଟ ଫର୍ଡ଼ିନାଣ୍ଡ୍ ଅଗଷ୍ଟ ୩ ତାରିଖ ୧୪୯୨ ଖ୍ରୀ:ଅ:ରେ କଲମ୍ବସ୍‌ଙ୍କୁ ପାଲୋସ୍ ବନ୍ଦରରୁ ୧୨୦ ଜଣ (ଅନ୍ୟ ଏକ ମତରେ ୯୦ ଜଣ) ନାବିକଙ୍କ ସହ ସାନ୍ତାମରିୟା, ପିଣ୍ଟା ଓ ନିନା ନାମକ ୩ଟି ଜାହାଜରେ ତାଙ୍କ ସ୍ୱପ୍ନର ଜଳଯାତ୍ରା ପାଇଁ ଅନୁମତି ଦେଲେ । ସେଠାରୁ ସେମାନେ ସମୁଦ୍ରରେ ୯୭ ମାଇଲ ଯାତ୍ରା କରିବା ପରେ ଆଟ୍‌ଲାଣ୍ଟିକ୍ ମହାସାଗରର ମରକ୍କୋ ଉପକୂଳର କାନାରୀ ଦ୍ୱୀପରେ ପହଞ୍ଚିଲେ । ସେଠାରେ ଏକମାସର ବିଶ୍ରାମ ପରେ ସେପ୍ଟେମ୍ବର ୩ ତାରିଖରେ ଏକ ଦୀର୍ଘଯାତ୍ରା ପାଇଁ ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକ ସଂଗ୍ରହ କରି ଏକ ଅନିର୍ଦ୍ଦିଷ୍ଟ ଜଳପଥରେ ଯାତ୍ରା ଆରମ୍ଭ କଲେ । ଦିଗନ୍ତବିସ୍ତାରୀ ମହାସାଗର ବକ୍ଷରେ ଦିନ ପରେ ଦିନ ନିରବଚ୍ଛିନ୍ନ ଭାବେ ଦୀର୍ଘ ପାଞ୍ଚ ସପ୍ତାହ ଧରି ଜାହାଜଗୁଡ଼ିକ ଭାସି ଚାଲିଲେ । ଚତୁର୍ଦ୍ଦିଗରେ ଖାଲି ନୀଳ ସମୁଦ୍ରର ଜଳରାଶି । କେଉଁଠାରେ ହେଲେ ଭୂଭାଗର ଚିହ୍ନବର୍ଣ୍ଣ ନାହିଁ । ଜାହାଜରୁ ଖାଦ୍ୟସାମଗ୍ରୀ ଓ ପାନୀୟ ଜଳ କ୍ରମେ ସରି ଆସିଲା । ନାବିକମାନେ ହତୋତ୍ସାହ ହୋଇପଡ଼ିଲେ । ସେମାନଙ୍କ ମଧ୍ୟରୁ କେତେକ ବିଦ୍ରୋହୀ ହୋଇଉଠି କଲମ୍ବସ୍‌ଙ୍କୁ ହତ୍ୟାକରି ସମୁଦ୍ରରେ ଫିଙ୍ଗିଦେଇ ଫେରିଯିବାକୁ ମନସ୍ଥ କଲେ । କିନ୍ତୁ କଲମ୍ବସ୍‌ଙ୍କ ଅସୀମ ଧୈର୍ଯ୍ୟ, ସାହସିକତା, ଆତ୍ମବିଶ୍ୱାସ ଏବଂ ଚାତୁର୍ଯ୍ୟପୂର୍ଣ୍ଣ କଥନଶୈଳୀ ସେମାନଙ୍କର ମାନସିକତାରେ ପରିବର୍ତ୍ତନ ଆଣିଲା । ସୁନ୍ଦର ସୁନ୍ଦର କାହାଣୀ କହି ସେ ନାବିକମାନଙ୍କର ଉତ୍ସାହ ବୃଦ୍ଧି କରିବାକୁ ପ୍ରୟାସ କଲେ । ମାତ୍ର ଅକ୍ଟୋବର ୧୦ ତାରିଖ ବେଳକୁ ଅବସ୍ଥା ଅସମ୍ଭାଳ ହୋଇପଡ଼ିଲା । ବିପଦରେ ଅଧିର ନ ହୋଇ କଲମ୍ବସ୍ ସାଥୀ ନାବିକମାନଙ୍କୁ ଆଉ ମାତ୍ର ଦୁଇଦିନ ଅଧିକ ଅପେକ୍ଷା କରିବାକୁ ଅନୁରୋଧ କଲେ । ପ୍ରକୃତରେ ଦୁଇଦିନ ପରେ ହିଁ ଉଦ୍‌ଯୋଗୀ ପୁରୁଷ କଲମ୍ବସ୍‌ଙ୍କ ଭାଗ୍ୟରବି ଉଦୟ ହେଲା ଏବଂ ସେମାନେ ସମୁଦ୍ରରେ ଏକ ପକ୍ଷୀର ବସା ଏବଂ କିଛି କଞ୍ଚାଡ଼ାଳ ପତ୍ର

ଭାସୁଥିବାର ଦେଖିଲେ । ସନ୍ଧ୍ୟାରେ ଦୂରରେ ନିଆଁ ଜଳୁଥିବାର ଦେଖି ସେମାନେ ନିଶ୍ଚୟ କୌଣସି ଏକ ଭୂଭାଗର ସମୀପବର୍ତ୍ତୀ ହୋଇଛନ୍ତି ବୋଲି ଆଶ୍ୱସ୍ତ ହେଲେ । ଶେଷରେ ୨ ମାସ ୯ ଦିନର ଯାତ୍ରା ପରେ ଅକ୍ଟୋବର ୧୨ ତାରିଖ ୧୪୯୨ ଖ୍ରୀ:ଅ:ରେ ସେମାନେ ବାହାମା ଦ୍ୱୀପରେ ଅବତରଣ କରିଥିଲେ । କଲମ୍ବସ୍ ଭାରତରେ ପହଞ୍ଚିଯାଇଛନ୍ତି ବୋଲି ଭାବି ଏହି ଦ୍ୱୀପକୁ ସାନ୍ ସାଲଭାଡ଼ର୍ ବୋଲି ନାମିତ କରିଥିଲେ । ତାପରେ ସେ କ୍ୟୁବା ଓ ହାଇତିରେ ପହଞ୍ଚି, ତାହାକୁ ଏସିଆ ମହାଦେଶର ପ୍ରଧାନ ଭୂଭାଗ ବୋଲି ଭାବିଥିଲେ । ସେଠାର ଅଧିବାସୀଙ୍କ ରଙ୍ଗ ଲୋହିତ ହୋଇଥିବାରୁ ସେମାନଙ୍କୁ ସେ "ଲୋହିତ ଭାରତୀୟ" (Red Indians) ନାମ ଦେଲେ । ଏଠାରେ କିଛି ମାସ ଅତିବାହିତ କରିବା ପରେ ସେ ସ୍ପେନ୍‌କୁ ପ୍ରତ୍ୟାବର୍ତ୍ତନ କଲେ । ସାଙ୍ଗରେ ନିଜର ସଫଳ ଜଳଯାତ୍ରାର ପ୍ରମାଣ ସ୍ୱରୂପ କ୍ୟୁବାର କେତେଜଣ ଲୋହିତ ଅଧିବାସୀ, ପଶୁପକ୍ଷୀ, ସୁନା, କଫି ଓ ଅନେକ ଦୁର୍ଲଭ ଗୁଳ୍ମଲତା ଧରି ଦୀର୍ଘ ୭ ମାସ ୧୫ ଦିନର ଯାତ୍ରା ପରେ ମାର୍ଚ୍ଚ ୧୮ ତାରିଖ ୧୪୯୩ ଖ୍ରୀ:ଅ:ରେ କଲମ୍ବସ୍ ନୀନା ଜାହାଜରେ ପାଲୋସ୍ ବନ୍ଦରରେ ପହଞ୍ଚିଲେ । ଫେରିବା ସମୟରେ ସାନ୍ତାମାରିଆ ଜାହାଜଟି ଦୁର୍ଘଟଣାଗ୍ରସ୍ତ ହୋଇ ଜଳମଗ୍ନ ହେଲା ଏବଂ ତାହାର ନାବିକମାନେ ପିଣ୍ଟା ଜାହାଜରେ ନୀନାର କିଛିଦିନ ପରେ ସ୍ପେନ୍‌ରେ ପହଞ୍ଚିଥିଲେ ।

ସ୍ପେନ୍‌ର ଶାସକ ଏବଂ ମହାରାଣୀଙ୍କ ସହ ବହୁ ଜନସାଧାରଣ କଲମ୍ବସ୍ ଓ ତାଙ୍କର ସହଯାତ୍ରୀମାନଙ୍କୁ ବୀରୋଚିତ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ । ଶୋଭାଯାତ୍ରାର ପୁରୋଭାଗରେ ଥିଲେ ସମ୍ରାଟ ଫର୍ଡ଼ିନାଣ୍ଡ୍ ଓ ମହାରାଣୀ ଇସାବେଲା । କଲମ୍ବସ୍ ଯାତ୍ରାର ସ୍ମାରକୀ ସ୍ୱରୂପ ରାଜଦମ୍ପତିଙ୍କୁ ୬ ଜଣ ଲୋହିତ ଭାରତୀୟ, କିଛି ଦୁର୍ଲଭ ଗୁଳ୍ମଲତା ଓ ମୃତ ପକ୍ଷୀମାନଙ୍କର ସଂରକ୍ଷିତ ପ୍ରତିକୃତିମାନ ଉପହାର ଦେଇଥିଲେ ।

୧୪୯୩ ଖ୍ରୀ:ଅ:ର ଶେଷଭାଗରେ କଲମ୍ବସ୍‌ଙ୍କ ଆଗ୍ରହରେ ସ୍ପେନ୍‌ର ସମ୍ରାଟ ତାଙ୍କୁ ୧୭ଟି ଜାହାଜ ସହ ୧୫୦୦ ନାବିକ ଦେଇ ଦ୍ୱିତୀୟ ଜଳଯାତ୍ରା ପାଇଁ ଅନୁମତି ଦେଲେ । ଏଥର ସେ ଜାମାଇକା ସହ ଅନ୍ୟ କେତୋଟି ଦ୍ୱୀପ ଆବିଷ୍କାର କରିଥିଲେ । କିନ୍ତୁ ସର୍ତ୍ତାନୁଯାୟୀ ସେ ସ୍ପେନ୍‌କୁ ଜାହାଜ ପୂର୍ଣ୍ଣ ସୁନା ଆଣିପାରିନଥିଲେ ମଧ୍ୟ ଆବିଷ୍କୃତ ନୂତନ ଭୂଭାଗଗୁଡ଼ିକରେ ସ୍ପେନ୍‌ର ଉପନିବେଶମାନ ସ୍ଥାପନ କରିବାରେ କୃତକାର୍ଯ୍ୟ ହୋଇଥିଲେ । କିନ୍ତୁ ଉପନିବେଶର ସ୍ପେନୀୟମାନଙ୍କର ଖରାପ ବ୍ୟବହାରରେ ଅତିଷ୍ଠ ହୋଇ ସେ ୧୪୯୬ ଖ୍ରୀ:ଅ:ରେ ସ୍ପେନ୍ ପ୍ରତ୍ୟାବର୍ତ୍ତନ କଲେ । ମାତ୍ର ତାଙ୍କୁ ଉପନିବେଶର ଅପ୍ରିୟ ଶାସକ ରୂପେ ଅଭିହିତ କରି ସ୍ପେନ୍‌ର କାରାଗାରକୁ ପଠାଇ ଦିଆଗଲା । ଅବଶ୍ୟ ତାଙ୍କୁ ୨ ବର୍ଷ ପରେ ମୁକ୍ତ କରିଦିଆଯାଇ ୧୪୯୮ ଖ୍ରୀ:ଅ:ରେ ତୃତୀୟ ଥର ଜଳଯାତ୍ରା ପାଇଁ ଅନୁମତି ଦିଆଗଲା । ଏଥର ସେ ଦକ୍ଷିଣ ଆମେରିକାର ତ୍ରିନିଦାଲ୍ ସହ ଅନ୍ୟ କେତେକ ଅଞ୍ଚଳ ଆବିଷ୍କାର କରି ଫେରି ଆସିଲେ । ୧୫୦୩ ଖ୍ରୀ:ଅ:ରେ କଲମ୍ବସ ଚତୁର୍ଥ ଓ ଶେଷଥର ପାଇଁ ଏକ ଅପେକ୍ଷାକୃତ ଛୋଟ ଅଭିଯାତ୍ରାରେ ବାହାରି ଓ୍ୱେଷ୍ଟଇଣ୍ଡିଜ ସହ ଦକ୍ଷିଣ ଆମେରିକାର ହଣ୍ଡୁରା ଆଦି ସ୍ଥାନ ଆବିଷ୍କାର କରିଥିଲେ । ଏଥର ସେ ଚୀନ୍‌ରେ ପହଞ୍ଚିଯାଇଛନ୍ତି ବୋଲି ଭାବିଥିଲେ । ଏହି ଜଳଯାତ୍ରାରୁ ଫେରିବାର ଦୁଇବର୍ଷ ପରେ ୧୫୦୬ ଖ୍ରୀ:ଅ:ରେ ସ୍ପେନ୍‌ରେ ତାଙ୍କର ଦେହାନ୍ତ ହୋଇଥିଲା । ମାତ୍ର ସେତେବେଳକୁ ତାଙ୍କ ଆବିଷ୍କାର ଦ୍ୱାରା ପୃଥିବୀର ମାନଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଥିଲା ।

କଲମ୍ବସ୍‌ଙ୍କ ଦ୍ୱାରା ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ (West Indies), ଦକ୍ଷିଣ ଆମେରିକାର ପ୍ରମୁଖ ଅଞ୍ଚଳମାନ, ହଣ୍ଡୁରା ଉପକୂଳ, ନିକାରାଗୁଆ, ଦାରିକ୍ ଓ ଭେନେଜୁଏଲା ଆଦି ନୂତନ ଭୂଖଣ୍ଡମାନ ଆବିଷ୍କୃତ ହୋଇଥିଲା । ଏଗୁଡ଼ିକ ପ୍ରକୃତପକ୍ଷେ ଆମେରିକା ମହାଦେଶର ପ୍ରମୁଖ ଅଂଶବିଶେଷ ଥିଲା । କିନ୍ତୁ ଏହି କାଳଜୟୀ ଆବିଷ୍କାର ବିଷୟରେ ଏହାର ଆବିଷ୍କର୍ତ୍ତା କଲମ୍ବସ୍ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ଅଜ୍ଞ ଥିଲେ । ସେ ବିଶ୍ୱାସ କରୁଥିଲେ ତାଙ୍କ ଦ୍ୱାରା ଆବିଷ୍କୃତ ଏହି ଭୂଭାଗଗୁଡ଼ିକ ଏସିଆ ମହାଦେଶର ଭାରତ ଓ ଚୀନ୍ ଆଦି ଅଞ୍ଚଳ । ତାଙ୍କରି ଜୀବିତାବସ୍ଥାରେ ୧୪୯୭ ଖ୍ରୀ:ଅ:ରେ ଇଟାଲୀର ଫ୍ଲୋରେନ୍‌ସ ଅଧିବାସୀ ନାବିକ ଆମେରିଗୋ ଭେସ୍‌ପୁସି (୧୪୫୧-୧୫୧୨ ଖ୍ରୀ:ଅ:) ଏହି ନୂତନ ଭୂଭାଗକୁ

ଜଳଯାତ୍ରା କରି ତାଙ୍କ ଦ୍ୱାରା ଏକ ନୂତନ ଭୂଭାଗର ଆବିଷ୍କାର ହୋଇଛି ବୋଲି ତାଙ୍କ ଭ୍ରମଣ କାହାଣୀ ପୁସ୍ତକରେ ପ୍ରକାଶ କଲେ ଏବଂ ଆମେରିଗୋଙ୍କ ନାମାନୁସାରେ ଏହି ଭୂଭାଗକୁ "ଦକ୍ଷିଣ ଆମେରିକା" ଓ "ଉତ୍ତର ଆମେରିକା" ମହାଦେଶ ବୋଲି ନାମକରଣ କରାଗଲା । ମାତ୍ର ଏହାର ୫ ବର୍ଷ ପୂର୍ବରୁ ୧୪୯୨ ଖ୍ରୀ:ଅ:ରେ ଖ୍ରୀଷ୍ଟୋଫର୍ କଲମ୍ବସ୍ ଏହି ଭୂଖଣ୍ଡକୁ ଆବିଷ୍କାର କରିସାରିଥିଲେ । କଲମ୍ବସ୍ ପ୍ରକୃତପକ୍ଷେ ଭାରତକୁ ଏକ ନୂତନ ଜଳପଥର ଆବିଷ୍କାର ପାଇଁ ଆଗ୍ରହୀ ଥିଲେ, କିନ୍ତୁ ଦୁର୍ଭାଗ୍ୟକୁ ସେ ''ଆମେରିକା'' ପରି ଏକ ନୂତନ ଭୂଭାଗରେ ପହଞ୍ଚିଥିଲେ । ଯାହା ହେଲେ ବି ଦୁଃସାହାସିକ ଜଳଯାତ୍ରା ଓ ନୂତନ ଭୌଗୋଳିକ ଆବିଷ୍କାର କଲମ୍ବସ୍‌ଙ୍କୁ ଇତିହାସରେ ଅମର କରି ରଖିଥିବ ।

## ପୃଥିବୀ ବିଭାଜୀକରଣ (Division of the World) :

ଆମେରିକା ଆବିଷ୍କାର ପରେ ସ୍ପେନୀୟମାନେ ସେଠାରେ ଉପନିବେଶମାନ ସ୍ଥାପନ କରି ବିପୁଳ ଧନରତ୍ନ ସଂଗ୍ରହ କରିବାକୁ ଲାଗିଲେ । ସେମାନଙ୍କ ସ୍ୱଚ୍ଛଳତାରେ ଈର୍ଷାନ୍ୱିତ ହୋଇ ପର୍ତ୍ତୁଗୀଜମାନେ ମଧ୍ୟ ସମୁଦ୍ରଯାତ୍ରା କରି ଧନ ଅର୍ଜନ କରିବାକୁ ଆଗ୍ରହୀ ହେଲେ । ଏହା ଉଭୟଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କଲା । ତେଣୁ ସେମାନେ ପୋପ୍‌ଙ୍କ ସହାୟତାରେ ୧୪୯୪ ଖ୍ରୀ:ଅ:ରେ ବାଣିଜ୍ୟ ଏବଂ ଉପନିବେଶ ସ୍ଥାପନ ପାଇଁ ପୃଥିବୀକୁ ଦୁଇଭାଗରେ ବିଭକ୍ତ କରିଦେବାକୁ ପ୍ରସ୍ତାବ ଦେଲେ । ପୋପ୍ ପୃଥିବୀ ମାନଚିତ୍ରରେ ଉତ୍ତରରୁ ଦକ୍ଷିଣକୁ ଏକ ସରଳରେଖା ଟାଣିଦେଇ ପର୍ତ୍ତୁଗାଲ ଏବଂ ସ୍ପେନ୍ ମଧ୍ୟରେ ଏହି ବିବାଦର ସମାପ୍ତି ଘଟାଇଥିଲେ । ଫଳରେ ପର୍ତ୍ତୁଗାଲକୁ ଆଫ୍ରିକା, ଏସିଆ ଓ ବ୍ରାଜିଲ ମିଳିଲା ଏବଂ ସ୍ପେନ୍‌କୁ ଦକ୍ଷିଣ ଓ ଉତ୍ତର ଆମେରିକାର ଅଧିକାଂଶ ଅଞ୍ଚଳର କର୍ତ୍ତୃତ୍ୱ ପ୍ରଦାନ କରାଗଲା ।

## ଫର୍ଡ଼ିନାଣ୍ଡ୍ ମାଗେଲାନ୍ ୧୪୮୦-୧୫୨୧ ଖ୍ରୀ:ଅ: (Ferdinand Magelan : 1480 – 1521 AD) :

ଫର୍ଡ଼ିନାଣ୍ଡ୍ ମାଗେଲାନ୍ ୧୪୮୦ ଖ୍ରୀ:ଅ:ରେ ପର୍ତ୍ତୁଗାଲର ସାବ୍ରୋସ୍ ସହରରେ ଜନ୍ମଗ୍ରହଣ କରିଥିଲେ । ପର୍ତ୍ତୁଗାଲର ସମ୍ରାଟ ମାନୁଏଲ୍‌ଙ୍କ ଅଧୀନରେ ୧୪୯୫ ଖ୍ରୀ:ଅ:ରେ ମାତ୍ର ୧୫ ବର୍ଷ ବୟସରେ ସେ ଏକ ଜାହାଜର କପ୍ତାନ ପଦବୀରେ ନିଯୁକ୍ତି ପାଇଥିଲେ । ଭାସ୍‌କୋଡ଼ାଗାମାଙ୍କ ଦ୍ୱିତୀୟ ଭାରତ ଯାତ୍ରା ଦଳରେ ସାମିଲ ହୋଇ ୧୫୦୮ ଖ୍ରୀ:ଅ:ରେ ସେ ଭାରତରେ ପହଞ୍ଚିଥିଲେ । ସେ କୋଚିନରୁ ଜାଭାକୁ ଜଳଯାତ୍ରା କରିବା ପରେ ପର୍ତ୍ତୁଗାଲ ଫେରିଯାଇଥିଲେ । ୧୫୧୩ ଖ୍ରୀ:ଅ:ରେ ସେ ଆଉ ଏକ ଜଳଯାତ୍ରାରେ ବାହାରି ଆଫ୍ରିକାର ମରକ୍କୋଠାରେ ପହଞ୍ଚିଥିଲେ । ସେଠାର ଅଧିବାସୀଙ୍କ ସଙ୍ଗେ ଏକ ସଂଘର୍ଷରେ ସେ ତାଙ୍କର ଗୋଟିଏ ଗୋଡ଼ ହରାଇ ପର୍ତ୍ତୁଗାଲ ଫେରିଆସିଥିଲେ ।

କଲମ୍ବସ୍‌ଙ୍କ ଜଳଯାତ୍ରାରେ ଅନୁପ୍ରାଣିତ ହୋଇ ସେ ଜଳପଥରେ ପୃଥିବୀ ଚତୁଃପାର୍ଶ୍ୱରେ ପ୍ରଦକ୍ଷିଣ କରିବା ପାଇଁ ଏକ ଯୋଜନା କଲେ । ଏହି ପ୍ରକଳ୍ପକୁ ଅନୁମୋଦନ କରିବା ପାଇଁ ସେ ପର୍ତ୍ତୁଗୀଜ ଶାସକଙ୍କୁ ପ୍ରସ୍ତାବ ଦେଲେ । ମାତ୍ର ସମ୍ରାଟ ମାନୁଏଲ୍ ଏହାକୁ ନାମଞ୍ଜୁର କରିଦେଲେ । ଏଣୁ କୃତଘ୍ନ ପର୍ତ୍ତୁଗାଲ ଦେଶକୁ ତ୍ୟାଗ କରି ସେ ସ୍ପେନ୍‌ର ସମ୍ରାଟ ଚାର୍ଲସ-ପଞ୍ଚମଙ୍କ ଅଧିନରେ ଜଣେ ନାବିକ ରୂପେ ଯୋଗ ଦେଲେ । ଜଣେ ଅସାଧାରଣ ନାବିକ ହିସାବରେ ତାଙ୍କର ଅନ୍ତର୍ନିହିତ ଗୁଣ, ଦକ୍ଷତା ଏବଂ କର୍ମକୁଶଳତାରେ ସେ ଅନ୍ୟମାନଙ୍କୁ ଚମତ୍କୃତ କଲେ । କ୍ରମେ ତାଙ୍କର ପ୍ରତିଭା ସମ୍ରାଟ ଚାର୍ଲସ-ପଞ୍ଚମଙ୍କ ଦୃଷ୍ଟି ଆକର୍ଷଣ କଲା ଏବଂ ସେ ମାଗେଲାନ୍‌ଙ୍କ ବିଶ୍ୱ ପରିକ୍ରମା ପ୍ରକଳ୍ପକୁ ପୃଷ୍ଠପୋଷକତା କରିବା ପାଇଁ ସମ୍ମତ ହେଲେ ।

ଦକ୍ଷିଣ ସ୍ପେନ୍‌ର ସେଭିଲ୍ ପୋତାଶ୍ରୟରୁ ଅଗଷ୍ଟ ୧୫୧୯ ଖ୍ରୀ:ଅ:ରେ ସ୍ପେନ୍ ସମ୍ରାଟଙ୍କ ପ୍ରଦତ୍ତ ୫ଟି ଜାହାଜରେ ୨୮୦ ଜଣ ନାବିକ ଓ ୨ ବର୍ଷ ପାଇଁ ଖାଦ୍ୟ ପାନୀୟ ଧରି ମାଗେଲାନ୍ ଆଟ୍‌ଲାଣ୍ଟିକ୍ ମହାସାଗର ଦେଇ ପ୍ରଥମେ ଦକ୍ଷିଣ ଆମେରିକାକୁ ଯାତ୍ରା ଆରମ୍ଭ କଲେ । କିଛିଦିନ ପରେ ସେମାନେ ଦକ୍ଷିଣ ଆର୍ଜେଣ୍ଟିନାରେ ପହଞ୍ଚି ସେଠାରେ ଚାଲିଥିବା ଏକ ବିଦ୍ରୋହକୁ ଦମନ କଲେ । ଏଠାରେ ଶୀତଦିନଟି କଟାଇବା ଅବସରରେ ଅକ୍ଟୋବର ୧୫୨୦ ଖ୍ରୀ:ଅ:ରେ

ସଂଯୋଗ କରୁଥିବା ଏକ ପ୍ରଣାଳୀର
ଆମେରିକାର ଦକ୍ଷିଣ ଭାଗରେ ଆଟଲାଣ୍ଟିକ୍ ମହାସାଗର ଓ ପ୍ରଶାନ୍ତ ମହାସାଗରକୁ (Strait of Magelan) ରୂପେ ନାମିତ
ଆବିଷ୍କାର କରିଥିଲେ । ତାଙ୍କ ନାମାନୁସାରେ ଏହାକୁ ମାଗେଲାନ୍ ପ୍ରଣାଳୀ ମଧ୍ୟକୁ ପ୍ରବେଶ କରିଥିଲେ । ଏହି ଜଳରାଶି
କରାଯାଇଥିଲା । ଏହି ପ୍ରଣାଳୀ ଦେଇ ସେ ପଶ୍ଚିମ ଦିଗର ବିଶାଳ ଜଳରାଶି (Pacific Ocean) ବୋଲି ନାମିତ କଲେ । ମାଗେଲାନ୍
ତାଙ୍କୁ ଏତେ ଶାନ୍ତ ଲାଗିଲା ଯେ ସେ ତାହାକୁ ପ୍ରଶାନ୍ତ ମହାସାଗର ଖାଦ୍ୟପାନୀୟକୁ ସାନ୍ ଆଣ୍ଟୋନୀୟ
ପ୍ରଣାଳୀରେ ତାଙ୍କର ସାଣ୍ଟିଆଗୋ ନାମକ ଜାହାଜଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଏହାର ପ୍ରଶାନ୍ତ ମହାସାଗରରେ ଦୀର୍ଘ
ଜାହାଜକୁ ସ୍ଥାନାନ୍ତରିତ କରି ଚାରିଗୋଟି ଜାହାଜ ସହ ସେ ପୁନର୍ବାର ଯାତ୍ରା ଆରମ୍ଭ କଲେ । ଭୂଭାଗର ଚିହ୍ନବର୍ଣ୍ଣ
୮୯ ଦିନ ଧରି ଜାହାଜଗୁଡ଼ିକ ଭାସି ଚାଲିଲା । ସୁଦୀର୍ଘ ଜଳରାଶି ମଧ୍ୟରେ କେଉଁଠି ହେଲେ କୌଣସି ଅନେକ ଖାଦ୍ୟପଦାର୍ଥ
ଦୃଷ୍ଟିଗୋଚର ହେଲା ନାହିଁ । କ୍ରମେ ଜାହାଜଗୁଡ଼ିକରୁ ଖାଦ୍ୟ ଓ ପାନୀୟ ଶେଷ ହୋଇଆସିଲା । କ୍ଷୁଧାର ତାଡ଼ନାରେ
ନଷ୍ଟ ମଧ୍ୟ ହୋଇଗଲା ଏବଂ ସ୍ପେନ୍‌ରୁ ଆଣିଥିବା ଜଳ ଆଉ ପାନୀୟ ଉପଯୋଗୀ ରହିଲା ନାହିଁ । ଖାଇବାକୁ ଲାଗିଲେ ।
ନାବିକମାନେ କରତଗୁଣ୍ଡ, ଶୁଷ୍କଚମଡ଼ା ଏବଂ ଏପରିକି ଜାହାଜରେ ଥିବା ଜୀବନ୍ତ ମୂଷାମାନଙ୍କୁ ମାରି ହରାଇଲେ । ପରିଶେଷରେ
ଅଖାଦ୍ୟ ଖାଇ ଅନେକ ରୋଗଗ୍ରସ୍ତ ହୋଇପଡ଼ିଲେ । କ୍ଷୁଧା ଓ ତୃଷାରେ ଅନେକ ପ୍ରାଣ ମଧ୍ୟ ମାଗେଲାନ୍ ଓ ତାଙ୍କ
ସେମାନେ ଏକ ଭୂଭାଗରେ ପହଞ୍ଚି ଟିକିଏ ଆଶ୍ୱସ୍ତ ହେବା ବେଳକୁ ସେଠାକାର ଅଧିବାସୀମାନେ ନାମ ଦେଲେ ଲାଡ୍ରୋନ୍
ସହକର୍ମୀମାନଙ୍କର ଅଧିକାଂଶ ଜିନିଷ ଅପହରଣ କରି ନେଇଗଲେ । ତେଣୁ ସେ ଏହି ଦ୍ୱୀପପୁଞ୍ଜର ପରିତ୍ୟାଗ କରି ୧୫୨୧
ଅର୍ଥାତ୍ ଡକାୟତ ଦ୍ୱୀପପୁଞ୍ଜ (ବର୍ତ୍ତମାନର ମାରିଆନା ଦ୍ୱୀପପୁଞ୍ଜ) । ଶୀଘ୍ର ଏହି ଦ୍ୱୀପପୁଞ୍ଜକୁ ପଞ୍ଚମଙ୍କ ପୁତ୍ର ଫିଲିପ-
ଖ୍ରୀ:ଅ:ରେ ସେମାନେ ଅନ୍ୟ ଏକ ଦ୍ୱୀପପୁଞ୍ଜ ଆବିଷ୍କାର କଲେ । ଏହାକୁ ସ୍ପେନ୍ ସମ୍ରାଟ ଚାର୍ଲସ- ଅତ୍ୟନ୍ତ ଆକ୍ରମଣାତ୍ମକ,
ଦ୍ୱିତୀୟଙ୍କ ନାମାନୁସାରେ ଫିଲିପାଇନ୍‌ସ ବୋଲି ନାମିତ କରାଗଲା । ଏଠାର ଅଧିବାସୀମାନେ ପ୍ରତିରୋଧ କରିବାରୁ
ହିଂସ୍ର ଓ ନିଷ୍ଠୁର ସ୍ୱଭାବର ଥିଲେ । ସେମାନେ ଏହି ଆଗନ୍ତୁକମାନଙ୍କର ଦ୍ୱୀପରେ ପ୍ରବେଶ କରିବାକୁ ତାଙ୍କର ସମସ୍ତ
ଏକ ସଂଘର୍ଷର ସୂତ୍ରପାତ ହେଲା । ଏଥିରେ ୨୭ ଏପ୍ରିଲ ୧୫୨୧ ଖ୍ରୀ:ଅ:ରେ ମାଗେଲାନ୍‌ଙ୍କ ସହ ନାବିକମାନେ ଏକମାତ୍ର
କପ୍ତାନଙ୍କୁ ହତ୍ୟା କରାଗଲା ଏବଂ ୩ଟି ଜାହାଜକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଆଗଲା । ଅବଶିଷ୍ଟ
ଜାହାଜ ଭିକ୍ଟୋରିଆ (Victoria)କୁ ନେଇ ଦ୍ୱୀପ ଛାଡ଼ି ପଳାୟନ କଲେ ।

ବିନା କୌଣସି କପ୍ତାନରେ ଭିକ୍ଟୋରିଆ ଜାହାଜଟି ତାର ଜଳଯାତ୍ରା ଅବ୍ୟାହତ ରଖି ଫିଲିପାଇନ୍‌ସରୁ ଯାଇ
ଆଫ୍ରିକା ମହାଦେଶରେ ପହଞ୍ଚିଲା । ତାପରେ ଏହା ଉତ୍ତମାଶା ଅନ୍ତରୀପକୁ ପ୍ରଦକ୍ଷିଣ କରି ପୁନର୍ବାର ଆଟଲାଣ୍ଟିକ୍ ମହାସାଗରରେ
ପ୍ରବେଶ କରି ଦୀର୍ଘ ୩ ବର୍ଷ ପରେ ସେପ୍ଟେମ୍ବର ୧୫୨୨ ଖ୍ରୀ:ଅ:ରେ ୧୮ ଜଣ ୟୁରୋପୀୟ ଓ ୪ ଜଣ କୃଷ୍ଣକାୟ ବ୍ୟକ୍ତିଙ୍କୁ
ନେଇ ସେଭିଲ୍ ବନ୍ଦରରେ ପ୍ରବେଶ କରିଥିଲା ।

ଏଣୁ ମାଗେଲାନ୍‌ଙ୍କ ଭିକ୍ଟୋରିଆ ହିଁ ପୃଥିବୀ ଚାରିପଟେ ପ୍ରଦକ୍ଷିଣ କରିଥିବା ପ୍ରଥମ ଜାହାଜର ମାନ୍ୟତା ପାଇଥିଲା
ଏବଂ ଏହା ପ୍ରମାଣ କରିଦେଲା ଯେ ନିଶ୍ଚିତ ଭାବେ ପୃଥିବୀ ଗୋଲାକାର ତଥା ଅତିବ ବିଶାଳ ଯଦିଓ ସେ ପର୍ଯ୍ୟନ୍ତ ଏହା
ପ୍ରାମାଣିକ ରୂପେ ଜଣାନଥିଲା ।

**ଅନ୍ୟାନ୍ୟ ସ୍ପେନୀୟ ଅଭିଯାତ୍ରା (Other Spanish Explorations) :**

କୋଲମ୍ବସ୍‌ଙ୍କ ମୃତ୍ୟୁ ପରେ ମଧ୍ୟ ସ୍ପେନୀୟମାନେ ନୂତନ ପୃଥିବୀରେ ଅଧିକରୁ ଅଧିକ ଉପନିବେଶମାନ ସ୍ଥାପନ
କରିବାକୁ ଉଦ୍ୟମ ଜାରି ରଖିଥିଲେ । କୋଲମ୍ବସ୍‌ଙ୍କ ଭ୍ରାତା ବାର୍ଥୋଲେମିଓ କୋଲମ୍ବସ୍ ଆମେରିକାରେ ସାଣ୍ଟୋ ଡୋମିଙ୍ଗୋ
ନଗର ସ୍ଥାପନ କରିଥିଲେ ଯାହା ୧୫୦୯ ଖ୍ରୀ:ଅରେ ସ୍ପେନ୍ ଦ୍ୱାରା ଅଧିକୃତ ହୋଇଥିଲା । ୧୫୧୧ ଖ୍ରୀ:ଅ:ରେ ପ୍ରତିଷ୍ଠିତ
ହୋଇଥିବା ପୁର୍ଟୋରିକୋ, ଜାମାଇକା ଓ କ୍ୟୁବା ସହରଗୁଡ଼ିକ ମଧ୍ୟ ସ୍ପେନ୍ ଅଧୀନକୁ ଆସିଥିଲା । ବାଲ୍‌ବୋଆ (Balboa)
ଙ୍କ ଦ୍ୱାରା ୧୫୧୩ ଖ୍ରୀ:ଅ:ରେ ପ୍ରଶାନ୍ତ ମହାସାଗର ଆବିଷ୍କୃତ ହୋଇଥିଲା । ସ୍ପେନ୍‌ର ଅଭିଯାତ୍ରୀଗଣ ମେକ୍ସିକୋ ଓ

ଫ୍ଲୋରିଡ଼ାର ଖାଡ଼ିଗୁଡ଼ିକୁ ମଧ୍ୟ ଆବିଷ୍କାର କରିଥିଲେ । ସ୍ପେନୀୟମାନେ ୧୫୧୮ ଖ୍ରୀ:ଅ:ରେ ଆମେରିକାର ବିପୁଳ ସ୍ୱର୍ଣ୍ଣ ଓ ରୌପ୍ୟ ଭଣ୍ଡାରଗୁଡ଼ିକୁ ଅଧିକାର କରି ନେଇଥିଲା । ପିଜାରୋ ନାମକ ଜଣେ ସ୍ପେନୀୟ ଅଭିଯାତ୍ରୀ ଯୋଦ୍ଧା ୧୫୩୫ ଖ୍ରୀ:ଅ:ରେ ଇନ୍‌କା ସାମ୍ରାଜ୍ୟକୁ ଅଧିକାର କରିଥିଲେ । ଏହି ଅଭିଯାତ୍ରାଗୁଡ଼ିକ ଫଳରେ ସ୍ପେନ ନୂତନ ପୃଥିବୀର ଏକ ବିଶାଳ ଭୂଭାଗକୁ ନିଜ ଅଧିନରେ ରଖିପାରିଥିଲା । ୧୫୭୪ ଖ୍ରୀ:ଅ: ବେଳକୁ ନୂତନ ପୃଥିବୀରେ ୨୦୦ ସ୍ପେନୀୟ ସହର ଗଢ଼ିଉଠିଥିଲା ଏବଂ ପ୍ରାୟ ୨ ଲକ୍ଷ ୟୁରୋପୀୟ ଏହି ନଗରଗୁଡ଼ିକରେ ବସବାସ କରୁଥିଲେ । ସେମାନେ ସେଠାରେ ପ୍ରାୟ ୫ ଲକ୍ଷ ଲୋହିତ ଭାରତୀୟମାନଙ୍କୁ ଶାସନ କରୁଥିଲେ । ଅନ୍ୟ ୟୁରୋପୀୟ ଦେଶଗୁଡ଼ିକ ଆମେରିକାକୁ ଅଭିଯାନରେ ବାହାରିଥିଲେ ମଧ୍ୟ ସ୍ପେନ ସେଗୁଡ଼ିକ ମଧ୍ୟରେ ସର୍ବାଗ୍ରେ ଥିଲା ।

## ଇଂରେଜ ଅଭିଯାତ୍ରା
## (The English Explorations)

ଅନ୍ୟ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ପରି ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ଇଂଲଣ୍ଡ ସମୁଦ୍ର ଅଭିଯାତ୍ରା ପ୍ରତି ଅତି ଆଗ୍ରହୀ ନ ଥିଲା । ଆମେରିକା ଆବିଷ୍କାର ହୋଇସାରିବା ପରେ ୧୪୯୮ ଖ୍ରୀ:ଅ:ରେ ଇଂଲଣ୍ଡ ସମ୍ରାଟ ହେନେରୀ-ସପ୍ତମ ପୃଥିବୀର ପୂର୍ବାଞ୍ଚଳକୁ ଜଳପଥ ଅନ୍ୱେଷଣ କରିବା ପାଇଁ ଜନ୍ କାବୋଟଙ୍କୁ ପ୍ରେରଣ କରିଥିଲେ । କାବୋଟ ତାଙ୍କର ଦୁଇ ପୁତ୍ରଙ୍କ ସହ ଲାବ୍ରାଡରଠାରୁ ଭର୍ଜିନୀୟାକୁ ଜଳପଥ ଆବିଷ୍କାର କରିଥିଲେ । ପ୍ରକୃତରେ ଜନ୍ କାବୋଟ ପ୍ରଥମେ ଉତ୍ତର ଆମେରିକାରେ ପଦାର୍ପଣ କରିଥିଲେ । ସେତେବେଳେ ଇଂଲଣ୍ଡର ନୌଶକ୍ତି ଦୁର୍ବଳଥିବାରୁ ଅଧିକ ସାମୁଦ୍ରିକ ଅଭିଯାନ ହୋଇପାରି ନଥିଲା । ହେନେରୀ-ଅଷ୍ଟମ ଏବଂ ମେରୀ ଟୁଡ଼ରଙ୍କ ସମୟରେ କୌଣସି ସାମୁଦ୍ରିକ ଅଭିଯାନ ହୋଇନଥିଲା । ମାତ୍ର ରାଣୀ ଏଲିଜାବେଥଙ୍କ ଗୌରବମୟ ଶାସନ କାଳରେ ଇଂରେଜମାନଙ୍କ ସାମୁଦ୍ରିକ ଅଭିଯାନରେ ପ୍ରଭୂତ ବିକାଶ ସାଧିତ ହୋଇଥିଲା ।

ଇଂଲଣ୍ଡର ରାଣୀଙ୍କ ରାଜକୀୟ ପୃଷ୍ଠପୋଷକତାରେ ଅନେକ ସାମୁଦ୍ରିକ ଅଭିଯାନମାନ ସମ୍ପନ୍ନ ହୋଇଥିଲା । ୧୫୮୩ ଖ୍ରୀ:ଅ:ରେ ସାର୍ ହମ୍ଫ୍ରୀ ଗିଲବର୍ଟ୍ ସମୁଦ୍ର ଯାତ୍ରାରେ ବାହାରି ନ୍ୟୁଫାଉଣ୍ଡଲାଣ୍ଡରେ ପହଞ୍ଚିବାକୁ ସଫଳ ହୋଇଥିଲେ; ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ୧୫୮୪ ଖ୍ରୀ:ଅ:ରେ ସାର୍ ୱାଲ୍ଟର୍ ରାଲେଙ୍କୁ ଆମେରିକାରେ ଉପନିବେଶ ସ୍ଥାପନ କରିବାକୁ ଅନୁମତି ପ୍ରଦାନ କରାଯାଇଥିଲା । ସାମୁଦ୍ରିକ ଅଭିଯାନରେ ବାହାରି ସେ ଉତ୍ତର କାରୋଲିନାରେ ପହଞ୍ଚିପାରିଥିଲେ । ସେଠାର ସମଗ୍ର ଭୂଭାଗକୁ ସେ ଇଂଲଣ୍ଡର ରାଣୀଙ୍କ ନାମରେ ଅଧିକାର କଲେ । ସେ ଦକ୍ଷିଣ ଦିଗରେ ଅଗ୍ରସର ହୋଇ ସେଠାର ଭୂଭାଗକୁ ଅଧିକାର କଲେ ଏବଂ ଏହି ଭୂଭାଗକୁ ଭର୍ଜିନ୍ ରାଣୀଙ୍କ ନାମରେ "ଭର୍ଜିନୀୟା" (Verginia) କୁହାଗଲା । ସାର୍ ରିଚାର୍ଡ ଗ୍ରାନ୍‌ଭିଲିଙ୍କୁ ୧୫୮୫ ଖ୍ରୀ:ଅ:ରେ ଏକ ବୃହତ୍ତର ସୈନ୍ୟବାହିନୀ ଏବଂ ୧୦୦ ଲୋକଙ୍କ ସହ ଆମେରିକା ପଠାଗଲା । ସେଠାରେ କିଛି ଅଞ୍ଚଳ ଅଧିକାର କରି ଗ୍ରାନ୍‌ଭିଲି ସେହି ଅଞ୍ଚଳରେ ତାଙ୍କ ସଙ୍ଗରେ ନେଇ କରିଯାଇଥିବା ୧୦୦ ଲୋକଙ୍କୁ ଥଇଥାନ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ । ମାତ୍ର ସେଠାରେ ମୂଳ ଅଧିବାସୀମାନେ ଏହି ଲୋକମାନଙ୍କୁ ଆକ୍ରମଣ କରି ମାରି ପକାଇଥିଲେ । ୧୫୮୭ ଖ୍ରୀ:ଅ:ରେ ଅନ୍ୟ ଏକ ଅଭିଯାନରେ କେତେକ ପରିବାରକୁ ସେଠାକୁ ପ୍ରେରଣ କରାଗଲା । ମାତ୍ର ସେମାନଙ୍କୁ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଲା । ମାତ୍ର ପରବର୍ତ୍ତି କାଳରେ ଏହି ଅଭିଯାନଗୁଡ଼ିକ ଆଧାରରେ ଇଂଲଣ୍ଡ ଏହି ଅଞ୍ଚଳ ଉପରେ ନିଜର ଦାବି ଉପସ୍ଥାପିତ କରିଥିଲା ।

ରାଣୀ ଏଲିଜାବେଥଙ୍କ ମୃତ୍ୟୁ ପରେ ଇଂଲଣ୍ଡରେ ଆଭ୍ୟନ୍ତରୀଣ କନ୍ଦଳ ଲାଗିରହିଥିଲା । ଦେଶର ଅବସ୍ଥା ଶାନ୍ତ ପଡ଼ିବା ପରେ ଇଂଲଣ୍ଡ ସରକାର କିଛି କମ୍ପାନୀଗୁଡ଼ିକୁ ଆମେରିକାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାଣିଜ୍ୟ ଓ ଉପନିବେଶମାନ ସ୍ଥାପନ କରିବା ପାଇଁ ଅନୁମତିପତ୍ର ପ୍ରଦାନ କରିଥିଲେ । ଏଣୁ କାଳକ୍ରମେ ଆମେରିକାର ନୂତନ ଭୂଭାଗରେ ଇଂରେଜମାନଙ୍କ ଉପନିବେଶମାନ ସ୍ଥାପିତ ହୋଇଥିଲା । ଏଣୁ ଏହା ସ୍ପଷ୍ଟ ଅଟେ ଯେ ଆମେରିକାକୁ ସାମୁଦ୍ରିକ ଅଭିଯାନ ଏବଂ ସେଠାରେ

ଉପନିବେଶ ସ୍ଥାପନ କ୍ଷେତ୍ରରେ ଇଂରେଜମାନେ ସବୁଠାରୁ ପଛରେ କାର୍ଯ୍ୟ ଆରମ୍ଭ କରିଥିଲେ; ମାତ୍ର ସେମାନେ ଉଭୟ ଅଭିଯାତ୍ରା ତଥା ଉପନିବେଶ ସ୍ଥାପନରେ ସର୍ବାପେକ୍ଷା ଅଧିକ ସଫଳ ହୋଇଥିଲେ ।

**ଫ୍ରାନ୍‌ସିସ୍ ଡ୍ରେକ୍:୧୫୪୦-୧୫୯୬ ଖ୍ରୀ:ଅ: (Francis Drake : 1540 – 1596 A.D) :**

ଇଂଲଣ୍ଡରେ ୧୫୪୦ ଖ୍ରୀ:ଅ:ରେ ଜନ୍ମିତ ଫ୍ରାନ୍‌ସିସ୍ ଡ୍ରେକ ଜଣେ ଜଳଦସ୍ୟୁ ଥିଲେ । ସ୍ପେନ୍ ଓ ପର୍ତ୍ତୁଗାଲର ଧନରତ୍ନପୂର୍ଣ୍ଣ ଜାହାଜଗୁଡ଼ିକରୁ ଧନରତ୍ନ ଅପହରଣ କରିବାରେ କୁଖ୍ୟାତ ଡ୍ରେକ୍‌ଙ୍କୁ "ଇଙ୍ଗ୍‌ଲିସ୍ ସାଗର ଶ୍ୱାନ'' (English Sea Dog) କୁହାଯାଏ । ତାଙ୍କର ଦ୍ରୁତ ଗତିରେ ଦକ୍ଷତାର ସହ ନୌଯାତ୍ରା କରିବାର ନିପୁଣତାକୁ ପ୍ରଥମେ ଇଂଲଣ୍ଡର ପ୍ରଖ୍ୟାତ ରାଣୀ ଏଲିଜାବେଥ୍ ପ୍ରଶଂସା କରିଥିଲେ । ସ୍ପେନ୍ ସହ ଇଂଲଣ୍ଡର ଶତ୍ରୁତା କାରଣରୁ ରାଣୀ ଡ୍ରେକ୍‌ଙ୍କୁ ସ୍ପେନ୍ ଫେରନ୍ତା ଧନରତ୍ନପୂର୍ଣ୍ଣ ଜାହାଜଗୁଡ଼ିକୁ ଲୁଣ୍ଠନ କରିବା ପାଇଁ ଉତ୍ସାହିତ କଲେ । ରାଣୀଙ୍କ ଶୁଭଦୃଷ୍ଟିରେ ଆସିବା ପରେ ସେ ଜାହାଜରେ ପୃଥିବୀ ପରିକ୍ରମା କରିବା ପାଇଁ ଆଗ୍ରହ ପ୍ରକାଶ କଲେ ।

ଅଳ୍ପ କେତୋଟି ଦ୍ରୁତଗାମୀ କ୍ଷୁଦ୍ର ଜାହାଜ ଧରି ଫ୍ରାନ୍‌ସିସ୍ ଡ୍ରେକ୍ ୧୫୭୮ ଖ୍ରୀ:ଅ:ରେ ନୌଯାତ୍ରାରେ ବାହାରି ପ୍ରଥମେ ପେରୁରେ ପହଞ୍ଚିଲେ । ସେଠାରୁ ସେ ଗୋଲଡ଼େନ୍ ହାଇଣ୍ଡ (Golden Hind) ନାମକ ବିଖ୍ୟାତ ଜାହାଜରେ ପ୍ରଶାନ୍ତ ମହାସାଗର ଦେଇ ଯାତ୍ରା ଆରମ୍ଭ କଲେ । ୩ ମାସର କଷ୍ଟସାଧ୍ୟ ଯାତ୍ରା ପରେ ସେ ଇଷ୍ଟଇଣ୍ଡିଜ୍‌ର ସ୍ପାଇସ୍ ଉପକୂଳରେ ପହଞ୍ଚିଲେ । ସେଠାରୁ ଭାରତ ମହାସାଗର ଦେଇ ଜଳଯାତ୍ରା ଅବ୍ୟାହତ ରଖି ଦକ୍ଷିଣ ଆଫ୍ରିକା କୂଳରେ ପହଞ୍ଚିଥିଲେ । ଏହାପରେ ଡ୍ରେକ ଉତ୍ତମାଶା ଅନ୍ତରୀପକୁ ପ୍ରଦକ୍ଷିଣ କରି ଆଟଲାଣ୍ଟିକ୍ ମହାସାଗରରେ ପୁନଃପ୍ରବେଶ କରି ୧୫୮୦ ଖ୍ରୀ:ଅ:ରେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିଥିଲେ ।

ଏଣୁ ଫ୍ରାନ୍‌ସିସ୍ ଡ୍ରେକ ହେଉଛନ୍ତି ପ୍ରଥମ ନାବିକ ଯେକି ସ୍ୱଦେହରେ ପ୍ରଥମେ ପୃଥିବୀର ଚତୁଃପାର୍ଶ୍ୱରେ ଜଳଭାଗ ଦେଇ ପ୍ରଦକ୍ଷିଣ କରିଥିଲେ । ତାଙ୍କର ଏହି ଅତୁଳନୀୟ ଦୁଃସାହସିକ କାର୍ଯ୍ୟ ପାଇଁ ଇଂଲଣ୍ଡର ରାଣୀ ଏଲିଜାବେଥ୍ ତାଙ୍କୁ 'ନାଇଟ୍' ଉପାଧିରେ ଭୂଷିତ କରିଥିଲେ । ତାଙ୍କର ଏହି ନୌଯାତ୍ରା ଫଳରେ ଇଂଲଣ୍ଡ ନୌବାଣିଜ୍ୟରେ ଅଗ୍ରଣୀ ହୋଇପାରିଥିଲା ଏବଂ ପରେ ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲା, ଯେଉଁଠି କେବେ ବି ସୂର୍ଯ୍ୟ ଅସ୍ତ ହେଉନଥିଲା ।

## ଫରାସୀ ଅଭିଯାତ୍ରା
## (The French Explorations)

ଆମେରିକାର ଅମାପ ଧନ ସମ୍ପଦ ଫରାସୀମାନଙ୍କୁ ସ୍ପେନ ଓ ପର୍ତ୍ତୁଗାଲ ଅଧିବାସୀଙ୍କ ପରି ସେହି ମହାଦେଶକୁ ଅଭିଯାତ୍ରା କରିବା ପାଇଁ ପ୍ରେରିତ କରିଥିଲା । ଉଚ୍ଚାଭିଳାଷୀ ଫ୍ରାନ୍ସ ସମ୍ରାଟ ଫ୍ରାନ୍‌ସୀସି - ପ୍ରଥମଙ୍କ ରାଜତ୍ୱ କାଳରେ ଫରାସୀମାନେ ପ୍ରାରମ୍ଭିକ ସ୍ତରରେ ସମୁଦ୍ର ଅଭିଯାତ୍ରା ପାଇଁ ଉତ୍ସାହିତ ହୋଇଥିଲେ । ଜିଓଫାନ୍ନୀ ଭେରାଯାନା (Giofanni Verazana) ୧୫୨୪ ଖ୍ରୀ:ଅ:ରେ ସ୍ପେନୀୟ ସାମୁଦ୍ରିକ ପୋତଗୁଡ଼ିକୁ ନିରୁତ୍ସାହିତ କରିବା ଉଦ୍ଦେଶ୍ୟରେ ଉତ୍ତର ଆମେରିକାରେ ପହଞ୍ଚିଥିଲେ । ବର୍ତ୍ତମାନ ନ୍ୟୁଫାଉଣ୍ଡଲାଣ୍ଡ ରୂପେ ପରିଚିତ ଉତ୍ତର ଆମେରିକାର ଏହି ଭୂଭାଗକୁ ଫରାସୀମାନେ ନିଜର ସମ୍ପତ୍ତି ରୂପେ ଦାବି କରିଥିଲେ । ଏହାର ୧୦ ବର୍ଷ ପରେ ଫ୍ରାନ୍ସର ସମ୍ରାଟ ପୃଥିବୀର ପୂର୍ବାଞ୍ଚଳରେ ଥିବା ଦେଶଗୁଡ଼ିକୁ ସମୁଦ୍ର ପଥ ଆବିଷ୍କାର କରିବା ପାଇଁ କର୍ଟିୟାର (Cartier) ଙ୍କୁ ଅଭିଯାନରେ ପ୍ରେରଣ କରିଥିଲେ । ମାତ୍ର ସେ ତାଙ୍କ ଲକ୍ଷ୍ୟ ହାସଲ କରିପାରି ନଥିଲେ । କିନ୍ତୁ ଏହି ଅଭିଯାତ୍ରାରେ ଯାଇ ସେ ଆମେରିକାର ଲରେନ୍ସ ଓ ଗାସ୍ପୀ ଖାଡିରେ ପହଞ୍ଚ ପାରିଥିଲେ । ଏହି ସମଗ୍ର ଅଞ୍ଚଳକୁ ସେ ଫ୍ରାନ୍ସ ସମ୍ରାଟଙ୍କ ନାମରେ ଅଧିକାର କରିଥିଲେ । ପୁନର୍ବାର ଅନ୍ୟଏକ ନୌଅଭିଯାତ୍ରାରେ ବାହାରି ୧୫୩୫-୩୬ ଖ୍ରୀ:ଅ:ରେ କର୍ଟିୟାର ବର୍ତ୍ତମାନର କ୍ୟୁବେକ୍‌ରେ ପହଞ୍ଚ ପାରିଥିଲେ । କର୍ଟିୟାର ୧୫୪୧ ଖ୍ରୀ:ଅ:ରେ

ସାଗୁନେ (Saguenay) ନଦୀ କୂଳରେ ଏକ ଉପନିବେଶ ସ୍ଥାପନ କରିଥିଲେ । ୧୬୦୮ ଖ୍ରୀ:ଅ:ରେ ଚାମ୍ପଲାନ୍ (Champlain) ଙ୍କ ଦ୍ୱାରା ସେଣ୍ଟ୍ କ୍ରୋଇକ୍ସ, ପୋର୍ଟ ଲୟାଲ୍ ଏବଂ କ୍ୟୁବେକ୍‌ଠାରେ ଫରାସୀ ଉପନିବେଶମାନ ସ୍ଥାପିତ ହୋଇଥିଲା । ଲୁଇସ୍-ଚର୍ତ୍ତୁଃଦଶଙ୍କ ଶାସନ କାଳରେ ଚାମ୍ପଲାନ୍ ଆମେରିକାର ଅଧିକ ଆଭ୍ୟନ୍ତରକୁ ପ୍ରବେଶ କରି ଓଟ୍ଟାୱା ନଦୀ କୂଳରେ ପହଞ୍ଚିପାରିଥିଲେ ।

ସପ୍ତଦଶ ଶତାବ୍ଦୀର ଅନ୍ତିମପର୍ଯ୍ୟାୟରେ ଅନେକ ଫରାସୀ ଧର୍ମ ପ୍ରଚାରକ ଗ୍ରେଟ୍ ଲେକ୍ ଅଞ୍ଚଳ ମଧ ଦେଇ ସସାତ୍, ମିସିସିପି ଓ ମିଶୋରୀ ଉପତ୍ୟକାରେ ପ୍ରବେଶ କରିଥିଲେ । ଫରାସୀ ଭଗର୍ଣ୍ଣର କାଉଣ୍ଟ୍ ଫ୍ରୋଣ୍ଟେନାକ୍ ସେମାନଙ୍କୁ ଆମେରିକାର ଆହୁରି ଅଧିକ ଆଭ୍ୟନ୍ତରକୁ ଅଭିଯାତ୍ରା ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ । ଫରାସୀ ଧର୍ମଯାଜକ ଏବଂ ଅଭିଯାତ୍ରୀ ଦଳ ୧୬୬୯ ଖ୍ରୀ:ଅ:ରେ ଫକ୍ସ ନଦୀ ଦେଇ ଏହାର ତଳମୁଣ୍ଡରେ ଥିବା ଓ୍ୱିସ୍କୋନ୍‌ସିନରେ ଏବଂ ମିସିସିପି ନଦୀରେ ଯାଇ ଅର୍କାନାସ୍ ମୁହାଣର ମଧଦେଇ ମେକ୍ସିକୋର ଖାଡିରେ ପହଞ୍ଚିଥିଲେ । ଏଣୁ ଫରାସୀମାନେ ଆପ୍ପାଲାଚିଆନ ପର୍ବତମାଳାର ପଶ୍ଚିମକୁ ଥିବା ସମଗ୍ର ଅଞ୍ଚଳକୁ ଅଧିକାର କରିନେଲେ ଏବଂ ସେଣ୍ଟ ଲରେନ୍ସଠାରୁ ମେକ୍ସିକୋର ଖାଡ଼ି ପର୍ଯ୍ୟନ୍ତ ଏକ ଜଳପଥର ଅବିଷ୍କାର କଲେ । ଫରାସୀମାନେ ସମଗ୍ର ଆଭ୍ୟନ୍ତରୀୟ ଭୂଭାଗକୁ ଅଧିକାର କରିବା ଫଳରେ ବ୍ରିଟିଶମାନଙ୍କ ସମୁଦ୍ର ଉପକୂଳକୁ ଥିବା ପ୍ରସ୍ତର ରାସ୍ତା ସଙ୍କୁଚିତ ହୋଇଯାଇଥିଲା । ଲେକ୍ ଓଣ୍ଟାରିଓର ମୁହାଣର ଜନୈକ ଧନାଢ଼୍ୟ ଫରାସୀ ବ୍ୟବସାୟୀ ଫୋର୍ଟ ଫ୍ରଣ୍ଟେନାକ୍ ନିର୍ମାଣ କରିଥିଲେ । ୧୬୭୯ ଖ୍ରୀ:ଅ:ରେ ଲେକ୍ ମିଚିଗାନ ଦେଇ ଇଲିନିଓସ୍ ନଦୀର ନିମ୍ନଭାଗରେ ଥିବା ଅଞ୍ଚଳକୁ ଅଭିଯାତ୍ରା କରାଯାଇ ସେଠାରେ ସେଣ୍ଟ ଲୁଇସ୍ ଦୁର୍ଗ ନିର୍ମାଣ କରାଗଲା । ପରବର୍ତ୍ତୀ କାଳରେ ସମଗ୍ର ଉପତ୍ୟକାକୁ ଫ୍ରାନ୍ସର ସମ୍ରାଟଙ୍କ ନାମରେ ଅଧିକୃତ କରାଯାଇ ଏହାକୁ "ଲୁଇସିଆନା" (Louisiana) ନାମ ପ୍ରଦାନ କରାଗଲା । ଏହିପରି ଆମେରିକାର ସର୍ବାପେକ୍ଷା ଅଧିକ ପ୍ରାକୃତିକ ସମ୍ପଦପୂର୍ଣ୍ଣ ଧନଶାଳୀ ଉପତ୍ୟକା ଲୁଇସିଆନା ଫ୍ରାନ୍ସ ନିୟନ୍ତ୍ରଣକୁ ଆସିଯାଇଥିଲା । ଏହି ସମୟରେ ଆମେରିକାର ସମଗ୍ର ପୂର୍ବ ଉପକୂଳ ଇଂରେଜ ଓ ସମଗ୍ର ପଶ୍ଚିମ ଉପକୂଳ ସ୍ପେନୀୟମାନଙ୍କ ଅଧିନରେ ଥିଲା । ଖ୍ରୀଷ୍ଟିୟ ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ ସ୍ପେନୀୟ ବାଣିଜ୍ୟ କାରବାର ଉପରେ ଜଳଦସ୍ୟୁମାନଙ୍କ ଦ୍ୱାରା ଆକ୍ରମଣ କରାଇ ଫ୍ରାନ୍ସ ଓ୍ୱେଷ୍ଟଇଣ୍ଡିଜ୍‌ରେ ନିଜର ଉପନିବେଶ ସ୍ଥାପନ କରିବାରେ ସଫଳ ହୋଇଥିଲା ।

ଏହିପରି ଫ୍ରାନ୍ସ ସମଗ୍ର ମିସିସିପି ଉପତ୍ୟକା ଏବଂ ଓ୍ୱେଷ୍ଟଇଣ୍ଡିଜ୍ ଉପରେ ନିଜର କର୍ତ୍ତୃତ୍ୱ ଜାରି ରଖିପାରିଥିଲା । ଏହି ଅଞ୍ଚଳର ମୃତ୍ତିକା ଖୁବ୍ ଉର୍ବର ଥିଲା ଏବଂ ଚାରାରୋପଣ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ଥିଲା । ଏଥିରୁ ଫ୍ରାନ୍ସକୁ ପ୍ରଚୁର ଲାଭ ମିଳିଥିଲା । ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଅଞ୍ଚଳ ଫ୍ରାନ୍ସ ଅଧିନରେ ରହିଥିଲା । ମାତ୍ର ପ୍ୟାରିସ୍ ବୁଝାମଣା ଚୁକ୍ତି ଯୋଗୁ ଫ୍ରାନ୍ସକୁ ଏହି ଅଞ୍ଚଳ ଉତ୍ତର ଆମେରିକାକୁ ସମର୍ପଣ କରିବାକୁ ପଡିଥିଲା । ତଥାପି କେତେକ କ୍ଷୁଦ୍ର ଅଞ୍ଚଳ ଉପରେ ଫ୍ରାନ୍ସର ନିୟନ୍ତ୍ରଣ ରହିଥିଲା ।

## ଭୌଗୋଳିକ ଆବିଷ୍କାରଗୁଡ଼ିକର ପ୍ରଭାବ
## (Influence of Geographical Discoveries)

(୧) ବିଭିନ୍ନ ଭୌଗୋଳିକ ଆବିଷ୍କାରଗୁଡ଼ିକ ଅନେକ ନୂତନ ୟୁରୋପୀୟ ଉପନିବେଶ ସ୍ଥାପନ କରିବାରେ ସାହାଯ୍ୟ କରିଥିଲା । କିନ୍ତୁ ପରିହାସର କଥା ଯେ ଯେଉଁ ଦେଶର ଅଧିବାସୀମାନେ ନୂତନ ଅଞ୍ଚଳଟିଏ ଆବିଷ୍କାର କରୁଥିଲେ, ସେମାନେ ସେଠାରେ ନିଜର ଉପନିବେଶ ସ୍ଥାପନ କରିବାକୁ ସେପରି ପ୍ରଭାବଶାଳୀ ହୋଇପାରୁନଥିଲେ । ଉଦାହରଣ ସ୍ୱରୂପ ଭାରତକୁ ପ୍ରଥମେ ୧୪୯୮ ଖ୍ରୀ:ଅ:ରେ ପର୍ତ୍ତୁଗୀଜ ଭାସ୍କୋଡ଼ାଗାମା ଜଳପଥ ଆବିଷ୍କାର କଲେ, କିନ୍ତୁ ଇଂରେଜମାନେ ହିଁ ଏଠାରେ ପ୍ରଭାବ ବିସ୍ତାର କରି ଦୀର୍ଘ ୧୯୦ ବର୍ଷ (୧୭୫୭ ଖ୍ରୀ:ଅ:ରୁ ୧୯୪୭ ଖ୍ରୀ:ଅ:) ଶାସନ କଲେ ।

ପର୍ତ୍ତୁଗୀଜମାନେ କେବଳ ଗୋଆ ଦ୍ୱୀପରେ ଆଧିପତ୍ୟ ବିସ୍ତାର କରିଥିଲେ, ଯାହାକି ସ୍ୱାଧୀନ ଭାରତର ସାମରିକ ବାହିନୀ ଦ୍ୱାରା ୧୬ ଡିସେମ୍ବର ୧୯୬୧ ଖ୍ରୀ:ଅ:ରେ ସ୍ୱାଧୀନ ହେଲା । ସେହିପରି ସ୍ପେନୀୟ ପୃଷ୍ଠପୋଷକତାରେ ଖ୍ରୀଷ୍ଟୋଫର କଲମ୍ବସ୍ ୧୪୯୨ ଖ୍ରୀ:ଅ:ରେ ଆମେରିକା ଆବିଷ୍କାର କଲେ, କିନ୍ତୁ ଇଂରେଜମାନେ ସେଠାରେ ଉପନିବେଶ ସ୍ଥାପନ କରି ୧୭୭୬ ଖ୍ରୀ:ଅ: ପର୍ଯ୍ୟନ୍ତ ଶାସନ କଲେ ।

(୨) ଭୌଗୋଳିକ ଆବିଷ୍କାରଗୁଡ଼ିକ ୧୫ଶ ଓ ୧୬ଶ ଶତାବ୍ଦୀର ୟୁରୋପୀୟ ବାଣିଜ୍ୟ ବିପ୍ଳବକୁ ପ୍ରଗତିଶୀଳ କରିଥିଲା । ୟୁରୋପୀୟ ଅର୍ଥନୀତି ଭୂମଧ୍ୟସାଗରୀୟ ସମୁଦ୍ର ବାଣିଜ୍ୟରୁ ଆରମ୍ଭ ହୋଇ ଆଟ୍‌ଲାଣ୍ଟିକ୍ ମହାସାଗର, ଆରବ ସାଗର ଓ ଭାରତ ମହାସାଗର ଅତିକ୍ରମ କରି ଭାରତ, ଇଣ୍ଡୋନେସିଆ ଦ୍ୱୀପସମୂହ, ଆମେରିକା, କାନାଡ଼ା ଓ ଆଫ୍ରିକାକୁ ବ୍ୟାପିଯାଇଥିଲା । ଡୋଭର, ବାହାମା, ଆଲେକ୍‌ଜାଣ୍ଡ୍ରିଆ, ଭେନିସ୍, ଉତ୍ତମାଶା ଅନ୍ତରୀପ, ଜିବ୍ରାଲିଟର, କାଲିକଟ୍, ମୁମ୍ବାଇ, ଚେନ୍ନାଇ, କୋଲକାତା, କରାଚୀ ଓ ପୋର୍ଟ୍ ମାଉଥ୍ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ପୋତାଶ୍ରୟମାନ ପ୍ରତିଷ୍ଠା କରାଯାଇ ଆନ୍ତର୍ଜାତୀୟ ବ୍ୟବସାୟ ବାଣିଜ୍ୟର ପ୍ରସାର କରାଗଲା । ସର୍ବୋପରି ଏହି ଆବିଷ୍କାର ଫଳରେ ପୃଥିବୀର ବିଭିନ୍ନ ସ୍ଥାନକୁ ଅନେକଗୁଡ଼ିଏ ଜଳପଥର ବିକାଶ ହୋଇପାରିଲା ।

(୩) ୧୬ଶରୁ ୨୦ଶ ଶତାବ୍ଦୀ ମଧ୍ୟରେ ୟୁରୋପକୁ ନୂତନ ରୂପେ ସ୍ଥାପିତ ଉପନିବେଶଗୁଡ଼ିକରୁ ବିପୁଳ ପରିମାଣର ସୁନା, ରୂପା, ହୀରା, ପିତ୍ତଳ, ତମ୍ବା ଇତ୍ୟାଦି ଧାତୁଗୁଡ଼ିକ ସହ ମସଲା ଏବଂ ରେଶମ ବସ୍ତ୍ର ଆଦି ଲୁଣ୍ଠିତ ହେଲା । ଫଳରେ ୟୁରୋପ ସ୍ୱଚ୍ଛଳ ହେବାକୁ ଲାଗିଲା ।

(୪) ନୂତନ ଭୌଗୋଳିକ ଆବିଷ୍କାର ଦ୍ୱାରା ପୃଥିବୀର ବିଭିନ୍ନ ଅଞ୍ଚଳଗୁଡ଼ିକ ମଧ୍ୟରେ ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ଭାବର ଆଦାନ ପ୍ରଦାନ ଆରମ୍ଭ ହେଲା ।

(୫) ଉପନିବେଶଗୁଡ଼ିକୁ ଅନ୍ୟ ଦେଶ ପକ୍ଷରୁ ଶାସନ କରାଯାଉଥିବାରୁ ସେଠାକାର ଅଧିବାସୀଙ୍କ ମଧ୍ୟରେ ଜାତୀୟତା ଭାବର ଉଦ୍ରେକ ହୋଇ ବିଦେଶୀ ଶାସନରୁ ନିଜ ରାଷ୍ଟ୍ରକୁ ସ୍ୱାଧୀନ କରିବା ପାଇଁ ମୁକ୍ତି ଆନ୍ଦୋଳନମାନ ଗଢ଼ି ତୋଳିଲା ।

## ଆଦର୍ଶ ପ୍ରଶ୍ନାବଳୀ

୧ । ମାର୍କୋପୋଲଙ୍କ ଭ୍ରମଣ ବୃତ୍ତାନ୍ତ ସଂକ୍ଷେପରେ ବର୍ଣ୍ଣନା କର ।

୨ । କଲମ୍ବସ୍‌ଙ୍କ ଭୌଗଳିକ ଆବିଷ୍କାରର ଏକ ବିବରଣୀ ପ୍ରଦାନ କର ।

୩ । ସ୍ୱଦେହରେ ପ୍ରଥମେ ଜଳପଥରେ ପୃଥିବୀ ପରିକ୍ରମା କରିଥିବା ଇଂରେଜ ନାବିକଙ୍କ ବିଷୟରେ ଯାହା ଜାଣ ଲେଖ ।

୪ । ଭାସ୍କୋଡାଗାମା ଓ ଫର୍ଡିନାଣ୍ଡ୍ ମାଗେଲାନ୍‌ଙ୍କ ଜଳଯାତ୍ରାର ବିବରଣୀ ପ୍ରଦାନ କର ।

୫ । ଫରାସୀ ଜଳଯାତ୍ରା ବିଷୟରେ ଆଲୋଚନା କର ।

୬ । ଭୌଗଳିକ ଆବିଷ୍କାରର ପ୍ରଭାବ ଗୁଡିକ ବର୍ଣ୍ଣନା କର ।

❑•❑

# ଆମେରିକା ବିଜୟ

## (THE CONQUESTS OF THE AMERICAS)

### ଆମେରିକା ଆବିଷ୍କାର (Discovery of America) :

ପ୍ରକୃତ ପକ୍ଷେ କଲମ୍ବସ୍‌ଙ୍କୁ ଦୁଇଟି କାରଣ ଯୋଗୁ ଆମେରିକାର ଆବିଷ୍କର୍ତ୍ତା କୁହାଯାଇ ନ ପାରେ । ପ୍ରଥମତଃ ବର୍ତ୍ତମାନର ବିଶେଷଜ୍ଞମାନଙ୍କ ମତରେ ପଶ୍ଚିମ ଗୋଲାର୍ଦ୍ଧରେ ପ୍ରଥମେ ପହଞ୍ଚିପାରି ଥିବା ୟୁରୋପୀୟ ଥିଲେ ଭାଇକିଂସ୍ (Vikings) । ସେ ଜଳ ପଥରେ ସମୁଦ୍ର ଯାତ୍ରା କରି ପ୍ରଥମେ ବର୍ତ୍ତମାନର ନ୍ୟୁଫାଉଣ୍ଡଲାଣ୍ଡ, ଲାବ୍ରାଡୋର ଏବଂ ନ୍ୟୁ ଇଂଲଣ୍ଡରେ ପ୍ରାୟ ୧୦୦୦ ଖ୍ରୀ:ଅ ବେଳକୁ ପଦାର୍ପଣ କରିପାରିଥିଲେ । ଦ୍ୱିତୀୟତଃ ମୃତ୍ୟୁ ପର୍ଯ୍ୟନ୍ତ କଲମ୍ବସ୍ ଜାଣି ନଥିଲେ ଯେ "ସେ ନୂତନ ରୂପେ ଆବିଷ୍କାର କରିଥିବା ଭୂଭାଗଟି ପ୍ରକୃତରେ କେଉଁ ଦେଶ ଅଟେ ?" ମାତ୍ର ୧୪୯୨ ଖ୍ରୀ:ଅ:ରେ କଲମ୍ବସ୍ କରିଥିବା ସଫଳ ନୌଯାତ୍ରାରେ "ଯଦିଓ ସେ ନିଜ ଦେଶକୁ ଏସିଆ ମହାଦେଶର ମସଲା ଆଣିପାରି ନଥିଲେ, କିନ୍ତୁ ସେ ସଙ୍ଗରେ ଆଣିଥିବା ସାମାନ୍ୟ ପରିମାଣର ସ୍ୱର୍ଣ୍ଣ ନମୂନା ଏବଂ ଅଳ୍ପକେତେକ ସଂଖ୍ୟକ ଆଦିମ ଅଧିବାସୀ (Red Indian) ୟୁରୋପୀୟମାନଙ୍କ ମଧ୍ୟରେ ସେହି ନୂତନ ଭୂଭାଗରୁ ଅଧିକ ସ୍ୱର୍ଣ୍ଣ ଏବଂ କ୍ରୀତଦାସ ଲାଭ କରିବାର ଆଶାକୁ ଉଜ୍ଜୀବିତ କରିଥିଲା'' । ସେମାନେ ମଧ୍ୟ ସେଠାରେ ନିର୍ବିଘ୍ନରେ ଖ୍ରୀଷ୍ଟ ଧର୍ମପ୍ରଚାର କରିବାର ସ୍ୱପ୍ନ ଦେଖିଥିଲେ । ଏହା ସ୍ପେନ୍ ସମ୍ରାଟ ଫର୍ଡିନାଣ୍ଡ ଏବଂ ସାମ୍ରାଜ୍ଞୀ ଇଶାବେଲାଙ୍କ ଦ୍ୱାରା କଲମ୍ବସ୍‌ଙ୍କୁ ଅଧିକ ତିନିଗୋଟି ସମୁଦ୍ରଯାତ୍ରାର ପୃଷ୍ଠପୋଷକତା କରିବାକୁ ଉତ୍ସାହିତ କରିଥିଲା । ଅନ୍ୟ ନାବିକମାନେ ମଧ୍ୟ ଏହି କାରଣରୁ ରାଜ ପୃଷ୍ଠପୋଷକତା ଲାଭ କରି ସେହି ଭୂଭାଗର ମୁଖ୍ୟଅଂଶକୁ ପ୍ରବେଶ କରିପାରିଥିଲେ । ପ୍ରାପ୍ତ ୧୫୦୦ ଖ୍ରୀ:ଅ: ବେଳକୁ ଜଣାପଡ଼ିଥିଲା ଯେ କଲମ୍ବସ୍ ଯେଉଁ ନୂତନ ଭୂଭାଗକୁ ଭ୍ରମାତ୍ମକ ରୂପେ "ଭାରତ" ବୋଲି ଚିହ୍ନିତ କରିଥିଲେ, ତାହା ପ୍ରକୃତରେ ଭାରତ ନଥିଲା ଏବଂ ଏହା ସମ୍ପୂର୍ଣ୍ଣ ରୂପେ ଏକ ନୂତନ ଭୂଭାଗ ଥିଲା ଯାହା ସେ ପର୍ଯ୍ୟନ୍ତ ସମଗ୍ର ୟୁରୋପକୁ ଅଜ୍ଞାତ ଥିଲା । ଏହା ଇଟାଲୀୟ ଭୂଗୋଳବିତ୍ ଆମେରିଗୋ ଭେସ୍‌ପୁଚି (Amerigo Vespucci) ଙ୍କ ଦ୍ୱାରା ବିସ୍ତୃତ ରୂପେ ପ୍ରକାଶିତ ହୋଇଥିଲା । ଭେସ୍‌ପୁଚିଙ୍କ ୧୫୦୪ ଖ୍ରୀ:ଅ:ରେ ପ୍ରକାଶିତ "ମୁଣ୍ଡସ୍ ନୋଭସ୍" ବା "ଏକ ନୂତନ ବିଶ୍ୱ" (Mundus Novus or A New World) ପୁସ୍ତକରୁ ଏହି ନୂତନ ଭୂଖଣ୍ଡ ବିଷୟରେ ସବିଶେଷ ତଥ୍ୟ ଉପଲବ୍ଧ ହୋଇଥିଲା । ପଶ୍ଚିମ ଗୋଲାର୍ଦ୍ଧର ଏହି ନୂତନ ଭୂଖଣ୍ଡକୁ ଆମେରିଗୋ ଭେସପୁଚିଙ୍କର ନାମର ପ୍ରଥମ ଭାଗ ଅନୁଯାୟୀ 'ଆମେରିକା' (America) ନାମରେ ନାମିତ କରାଗଲା ।

## ଆମେରିକା ବିଜୟ (Conquest of America) :

ଆମେରିକାର ଆବିଷ୍କାର ହେବା ପରେ ସ୍ପେନୀୟମାନେ କାଳକ୍ରମେ ଜ୍ଞାତ ହେଲେ ଯେ ସେଠାରେ ନିଜ ଦେଶ ଅପେକ୍ଷା ଖୁବ୍ ଅଧିକ ଧନସମ୍ପତ୍ତି ଅଛି । କଲମ୍ବସ୍‌ଙ୍କ ପ୍ରାରମ୍ଭିକ ସ୍ୱଳ୍ପ ସ୍ୱର୍ଣ୍ଣ ନମୁନାରୁ ସ୍ପେନୀୟମାନଙ୍କ ମନରେ ଧାରଣା ଦୃଢ଼ୀଭୂତ ହୋଇଥିଲା ଯେ, ମୁଖ୍ୟ ଭୂଭାଗର କୌଣସି ସ୍ଥାନରେ ସ୍ୱର୍ଣ୍ଣ ଖଣି ବା ପାହାଡ଼ ପରି ଠୁଳିଭୂତ ହୋଇ ସ୍ୱର୍ଣ୍ଣ ଅଛି । ଉଡା ଖବରର ପର ଲାଗିଯାଏ । ଏଣୁ ଏହି କାଳ୍ପନିକ ସମ୍ବାଦରେ ଉତ୍ସାହିତ ହୋଇ କେତେକ ସାହାସୀ ସ୍ପେନୀୟ ଆମେରିକାର ମୁଖ୍ୟ ଭୂଭାଗକୁ ଯାତ୍ରା ଅଭିଯାନ କରିଥିଲେ । ଅସ୍ତ୍ର ବଳରେ ସେମାନେ ପ୍ରଥମ ସମ୍ପତ୍ତିକୁ ହସ୍ତଗତ କରିପାରିଥିଲେ । ସ୍ପେନୀୟ ଯୋଦ୍ଧା ହର୍ନାଣ୍ଡୋ କୋର୍ଟେସ୍ (Hornando Cortes) ୧୫୧୯ ଖ୍ରୀ:ଅ:ରୁ ୧୫୨୧ ଖ୍ରୀ:ଅ:ର ଦୁଇ ବର୍ଷ ମଧ୍ୟରେ ମାତ୍ର ୬୦୦ ସୈନ୍ୟଙ୍କ ନେତୃତ୍ୱ ନେଇ ଏକ ମିଲିୟନ୍ ଜନସଂଖ୍ୟା ବିଶିଷ୍ଟ ମେକ୍ସିକୋର ଆଜ୍‌ଟେକ ସାମ୍ରାଜ୍ୟ (Aztec Empire) କୁ ନିଜ ଅଧୀନକୁ ଆଣିପାରିଥିଲେ । ସେ ଆଜ୍‌ଟେକ୍ ସାମ୍ରାଜ୍ୟର ସମୃଦ୍ଧ ରାଜକୋଷର ସମସ୍ତ ସମ୍ପତ୍ତିକୁ ସ୍ପେନ୍‌କୁ ସ୍ଥାନାନ୍ତରିତ କରିଥିଲେ । ଏହାପରେ ୧୫୩୩ ଖ୍ରୀ:ଅ:ରେ ସ୍ପେନୀୟ ଯୋଦ୍ଧା ଫ୍ରାନ୍ସିସ୍କୋ ପିଜାରୋ (Francisco Pizarro) ମାତ୍ର ୧୮୦ ଜଣ ସୈନ୍ୟଙ୍କ ସାହାଯ୍ୟରେ ପେରୁ ବିଜୟ କରି ଇନ୍‌କା (Incas) ମାନଙ୍କର ବିପୁଳ ସ୍ୱର୍ଣ୍ଣଭଣ୍ଡାରକୁ ଲୁଣ୍ଠନ କରିଥିଲେ । କୋର୍ଟେସ୍ ଏବଂ ପିଜାରୋଙ୍କ ସପକ୍ଷରେ କେତେକ କମାଣ ଏବଂ ଅଶ୍ୱ ଅଧିକ ଥିଲା । ମାତ୍ର ସେମାନେ ମୌଳିକ ରୂପେ କେବଳ ଦୁଃସାହାସ, ପ୍ରତାରଣା ଏବଂ ନିଷ୍ଠୁରତା ପାଇଁ ବିଜୟ ହାସଲ କରିପାରିଥିଲେ । "କେବେ ହେଲେ ପୂର୍ବରୁ କିମ୍ବା ଏହାପରେ ଏତେ ଅଳ୍ପ ସଂଖ୍ୟକ ସୈନ୍ୟଙ୍କ ଦ୍ୱାରା ବହୁ ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହେବା ସତ୍ତ୍ୱେ ଏପରି ମହାନ ଶାସନ ଗୋଷ୍ଠୀକୁ ପରାଜିତ କରିବାର ଇତିହାସ ଆଜି ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୁଏ ନାହିଁ ।'' ମାତ୍ର ମନୁଷ୍ୟ ଏପରି ବର୍ବର ଏବଂ ବିଚାର ଶୂନ୍ୟ ହେବା କ୍ୱଚିତ ଦେଖିବାକୁ ମିଳିଥାଏ ।

ସ୍ପେନୀୟ ଏବଂ ପର୍ତ୍ତୁଗୀଜମାନଙ୍କ ଆମେରିକା ବିଜୟ ବହୁଳ ରୂପେ ବ୍ୟକ୍ତିଗତ ଅଭିଯାନ ଥିଲା । ଏହି ଅଭିଯାନକାରୀମାନେ ସ୍ପେନ୍ ଶାସକଙ୍କଠାରୁ ଅସୀମ କ୍ଷମତା ପ୍ରାପ୍ତ ହୋଇ ତାଙ୍କ (ଶାସକ) ନାମରେ ଆମେରିକାର ଭୂଭାଗରେ ଯେକୌଣସି କାର୍ଯ୍ୟ କରିବା ପାଇଁ ସ୍ୱୀକୃତି ପ୍ରାପ୍ତ ହୋଇଥିଲେ। ଅଭିଜ୍ଞ ସୈନିକ କିମ୍ବା ନୀତିଶୂନ୍ୟ ଜଳଦସ୍ୟୁମାନଙ୍କ ଦ୍ୱାରା ଆମେରିକାର ଭୂଭାଗରେ ଅଧିକୃତ ହୋଇଥିବା ଅଞ୍ଚଳକୁ ସ୍ପେନ୍ ନିଜର ବିଜିତ ରାଜ୍ୟ ରୂପେ ଦାବୀ କରିଥିଲା। କେନ୍ଦ୍ର ଏବଂ ଦକ୍ଷିଣ ଆମେରିକାରେ ସ୍ପେନ୍‌ର ଦ୍ରୁତ ବିଜୟ, ପରବର୍ତ୍ତି କାଳରେ ଉତ୍ତର ଆମେରିକାର ବ୍ରିଟିଶ ବସତିଗୁଡ଼ିକର ମନ୍ଥର କ୍ରମ ସମ୍ପ୍ରସାରଣର ସମ୍ପୂର୍ଣ୍ଣ ବିପରୀତ ଧର୍ମୀ ଥିଲା। ମେକ୍ସିକୋ, କେନ୍ଦ୍ର ଆମେରିକା ଏବଂ ଦକ୍ଷିଣ ଆମେରିକାର ଉତ୍ତର ଭାଗ ୧୫୪୦ ଖ୍ରୀ:ଅ: ସୁଦ୍ଧା ସ୍ପେନ ଅଧୀନକୁ ଆସିଯାଇଥିଲା । ଚିଲି ଏବଂ ଆର୍ଜେଣ୍ଟିନାକୁ ଜୟ କରିବା ପାଇଁ ଭୀଷଣ ଯୁଦ୍ଧର ସମ୍ମୁଖିନ ହେବାକୁ ପଡ଼ିଥିଲା। କାରଣ ସେଠାରେ ପେରୁର ଇନ୍‌କା ଏବଂ ମେକ୍ସିକୋର ଆଜ୍‌ଟେକ୍ ପରି କେନ୍ଦ୍ରୀୟ ଶାସନ ନଥିଲା; ଏଣୁ ଏହାର ମୂଳ ସାଧାରଣ ଅଧିବାସୀମାନେ ବିଦେଶୀ ଆକ୍ରମଣକାରୀଙ୍କୁ ଭୟଙ୍କର ପ୍ରତିରୋଧ କରିଥିଲେ । ବୁଏନେସ୍ ଏରିସ୍ ସହର ୧୫୮୦ ଖ୍ରୀ:ଅ: ପୂର୍ବରୁ ସ୍ପେନୀୟମାନଙ୍କର ଦୃଢ଼ ନିୟନ୍ତ୍ରଣକୁ ଆସି ନଥିଲା। ସ୍ପେନ୍ ଅପେକ୍ଷା ଉଭୟ ଜନସଂଖ୍ୟା ଏବଂ ନୌଶକ୍ତିରେ ଅତି ନିକୃଷ୍ଟ ଥିବା ପର୍ତ୍ତୁଗାଲ ଆମେରିକା ଅଧିକାର ପ୍ରଚେଷ୍ଟାରେ ବ୍ରିଟିଶ୍, ଫ୍ରାନ୍ସ ଓ ଡଚ୍‌ମାନଙ୍କୁ ପଛରେ ପକାଇ ୧୫୪୯ ଖ୍ରୀ:ଅ:ରେ ବ୍ରାଜିଲ୍‌ଠାରେ ଏକ ଉତ୍ତମ ରୂପେ ସ୍ଥାୟୀ ଉପନିବେଶୀୟ ସରକାର ପ୍ରତିଷ୍ଠା କରିପାରିଥିଲା। ଏହିପରି ଏକ ଶତାବ୍ଦୀରୁ କମ୍ ସମୟ ମଧ୍ୟରେ ଦୁଇ ଉପଦ୍ୱୀପୀୟ ରାଷ୍ଟ୍ରଶକ୍ତି (Iberian Power) – ସ୍ପେନ୍ ଓ ପର୍ତ୍ତୁଗାଲ ସମଗ୍ର ଯୁକ୍ତରାଷ୍ଟ୍ର ଆମେରିକା କ୍ଷେତ୍ରଫଳର ଦୁଇଗୁଣ କ୍ଷେତ୍ରଫଳ ପରିମିତ ଅଞ୍ଚଳର ସାମ୍ରାଜ୍ୟକୁ ଅଧିକାର କରିପାରିଥିଲା।

## ଉପନିବେଶ ଯୁଗର ଆରମ୍ଭ (Beginning of the Era of Colonization) :

ଉଭୟ ସ୍ପେନ୍ ଓ ପର୍ତ୍ତୁଗାଲ୍ ଦ୍ୱାରା ଆରମ୍ଭ କରାଯାଇଥିବା ଉପନିବେଶବାଦ ଏବଂ ଉପନିବେଶ ପ୍ରଶାସନ ବ୍ୟବସ୍ଥାର ଚରିତ୍ର ସମଗ୍ର ଲାଟିନ୍ ଆମେରିକା ଇତିହାସକୁ ଗଭୀର ରୂପେ ପ୍ରଭାବିତ କରିଥିଲା । ଏହା ବିଶେଷ ରୂପେ ସ୍ପେନ୍ ପାଇଁ ସତ୍ୟ

ଏହା ମଧ୍ୟ ତାହାର ପଡ଼ୋଶୀ ପର୍ତ୍ତୁଗାଲ ପାଇଁ ଉଦ୍ଦିଷ୍ଟ ଥିଲା, କାରଣ ୧୫୮୦ ଖ୍ରୀ:ଅ:ରୁ ୧୬୪୦ ଖ୍ରୀ:ଅ: ମଧ୍ୟରେ ଉଭୟ ରାଷ୍ଟ୍ର ଏକକ ସାର୍ବଭୌମ ଅଧିନରେ ଥିଲେ। ସ୍ପେନୀୟ ଉପନିବେଶୀୟ ନୀତି ଥିଲା – ସ୍ୱେଚ୍ଛାଚାରୀ ଏବଂ ପ୍ରଜାହିତୈଷୀ। ଉପନିବେଶ ପ୍ରଶାସନର ସର୍ବୋଚ୍ଚ କର୍ତ୍ତା ଥିଲେ "ବଡ଼ଲାଟ୍" (Viceroy)। ସେ ସ୍ପେନ୍‌ର ରାଜାଙ୍କ ବ୍ୟକ୍ତିଗତ ପ୍ରତିନିଧି ରୂପେ ଉପନିବେଶକୁ ଶାସନ କରୁଥିଲେ। ପ୍ରାରମ୍ଭିକ ଅବସ୍ଥାରେ ଦୁଇ ଜଣ ଭାଇସ୍‌ରାୟ ନିଯୁକ୍ତ ହେଉଥିଲେ – ଜଣେ ମେକ୍ସିକୋ, ନ୍ୟୁସ୍ପେନ୍ ଏବଂ କେନ୍ଦ୍ର ଆମେରିକାର ପ୍ରଶାସକ ଥିବା ବେଳେ ଅନ୍ୟ ଜଣେ ଭାଇସ୍‌ରାୟ ପେରୁର ପ୍ରଶାସକ ଥିଲେ। ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ନ୍ୟୁଗ୍ରାନେଡ଼ା (ପାନାମା, କଲୋମ୍ବିଆ, ଭେନେଜୁଏଲା ଓ ଇକ୍ୱୋଡର) ପାଇଁ ଜଣେ ଏବଂ ଲା ପ୍ଲାଟା ବା ବୁଏନସ୍‌ଏରିସ୍ ପାଇଁ ଅନ୍ୟ ଜଣେ ଭାଇସ୍‌ରାୟ ନିଯୁକ୍ତ ହେଲେ। ଏହିପରି ନିଯୁକ୍ତି ପ୍ରାପ୍ତ ୪ ଜଣ ଭାଇସ୍‌ରାୟମାନଙ୍କୁ ଅତି ଉତ୍ତମ ବେତନ ପ୍ରଦାନ କରାଯାଉଥିଲା। ସେମାନଙ୍କ ବାର୍ଷିକ ବେତନ ଏକଦା ଦୁଇ ଲକ୍ଷ ପାଉଣ୍ଡରୁ ଅଧିକ ଥିଲା। ଏପରି ଆକର୍ଷଣୀୟ ବେତନ ପ୍ରଦାନର ଉଦ୍ଦେଶ୍ୟ ଥିଲା ଦୁର୍ନୀତିକୁ ପ୍ରତିରୋଧ କରିବା। ଦୁର୍ନୀତି ନିବାରଣ ଏହି ଲକ୍ଷ୍ୟ ପ୍ରାୟ ସମସ୍ତ ଉପନିବେଶ ଗୁଡ଼ିକରେ ହାସଲ କରାଯାଇ ପାରିଥିଲା। ତତ୍ ସଙ୍ଗେ ସଙ୍ଗେ ମାତୃଦେଶର ରାଜାମାନେ ପ୍ରତିଷେଧକ ମୂଳକ ବ୍ୟବସ୍ଥା ସ୍ୱରୂପ ଭାଇସ୍‌ରାୟମାନଙ୍କୁ ମାତ୍ରାଧିକ କ୍ଷମତାଶାଳୀ ହେବାରୁ ବଞ୍ଚିତ କରୁଥିଲେ। ଭାଇସ୍‌ରାୟମାନେ ପ୍ରଦର୍ଶନ କରୁଥିବା କ୍ଷମତା ସ୍ପେନୀୟ ସମ୍ରାଟଙ୍କର ଇଚ୍ଛା ଅନୁରୂପ ଥିଲା। ସେମାନେ ନିଜ ଇଚ୍ଛାରେ କୌଣସି କ୍ଷମତା ପ୍ରୟୋଗ କରିପାରୁ ନଥିଲେ। ଏହି କାରଣ ଯୋଗୁ ସେମାନେ ଏକ ଉପଦେଷ୍ଟା ପରିଷଦ (Audiencia) ର ଉପସ୍ଥିତିକୁ ସହ୍ୟ କରୁଥିଲେ। ଭାଇସ୍‌ରାୟଙ୍କ ନିଷ୍ପତ୍ତି ବିରୁଦ୍ଧରେ ଅପିଲ ପାଇଁ ଏହା ଏକ ବିଚାରାଳୟ ପରିସଂସ୍ଥା ଥିଲା। ଭାଇସରାୟଙ୍କୁ ନ ଜଣାଇ ଉପଦେଷ୍ଟା ପରିଷଦର ସଦସ୍ୟମାନେ ତାଙ୍କର କାର୍ଯ୍ୟକଳାପ ସମ୍ବନ୍ଧୀୟ ତଥ୍ୟ ପ୍ରତ୍ୟେକ୍ଷ ରୂପେ ରାଜାଙ୍କୁ ଅବଗତ କରାଇବାର ଅଧିକାର ପ୍ରାପ୍ତ ହୋଇଥିଲେ। ଭାଇସ୍‌ରାୟଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରେ କିମ୍ବା କେତେକ ସମୟରେ କାର୍ଯ୍ୟକାଳ ମଧ୍ୟରେ ତାଙ୍କୁ ନିଶ୍ଚିତ ରୂପେ ଏକ ଅନୁସନ୍ଧାନର ସମ୍ମୁଖୀନ ହେବାକୁ ପଡ଼ୁଥିଲା। ଏହି ସମୟ ମଧ୍ୟରେ ସେମାନଙ୍କ ବିରୁଦ୍ଧରେ ଆଗତ ଅଭିଯୋଗଗୁଡ଼ିକୁ ଜଣେ ରାଜକୀୟ ବିଚାରପତି ଶୁଣାଣି କରନ୍ତି ଏବଂ ଏହି ପ୍ରତ୍ୟେକ ଅଭିଯୋଗକୁ ତାଙ୍କର କାର୍ଯ୍ୟ ସମ୍ପାଦନ କାଳୀନ ଦୁର୍ବ୍ୟବହାର ବା ଚାରିତ୍ରିକ ତ୍ରୁଟି ରୂପେ ପରିଗଣିତ କରାଯାଏ।

**ଗୀର୍ଜାର ଭୂମିକା (The Role of the Church) :**

ସ୍ପେନ୍‌ରେ ନିଜର ଆଧିପତ୍ୟ ବିସ୍ତାର କରିଥିବା କାଥୋଲିକ୍ ଖ୍ରୀଷ୍ଟଧର୍ମ ନୂତନ ରୂପେ ଆବିଷ୍କୃତ ଆମେରିକୀୟ ଭୂଭାଗରେ ମଧ୍ୟ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲା। ସ୍ପେନ୍ ସମ୍ରାଟ ଗୀର୍ଜା ଅଧିକାରୀ ନିଯୁକ୍ତି ଏବଂ ଧର୍ମୀୟ କର ସଂଗ୍ରହ ଅଧିକାରକୁ ନିଜ କ୍ଷମତା ଅନ୍ତର୍ଭୁକ୍ତ କରି ରଖିଥିଲେ। ତାଙ୍କ ଅନୁମତି ବିନା ଆମେରିକାରେ କୌଣସି ଗୀର୍ଜା କିମ୍ବା ଧର୍ମୀୟ ସଂସ୍ଥା ନିର୍ମିତ ହୋଇପାରୁ ନଥିଲା। ଧର୍ମଯାଜକମାନେ ଜନସାଧାରଣଙ୍କୁ ରାଜାଦେଶ ପାଳନ କରିବା ପାଇଁ ଶିକ୍ଷା ପ୍ରଦାନ କରୁଥିଲେ। ଏହା ସହ ସେମାନେ ରାଜାଙ୍କ ପ୍ରତିନିଧିମାନଙ୍କ ପ୍ରତି ଅନୁଗତ୍ୟ ପ୍ରକାଶ କରିବା ସହ କୌଣସି ପ୍ରକାର ରାଜ ବିରୋଧି ଆନ୍ଦୋଳନ କିମ୍ବା ନୂତନ ଆଦର୍ଶରେ ଅନୁପ୍ରାଣିତ ନ ହେବା ପାଇଁ ଉପଦେଶ ପ୍ରାପ୍ତ ହେଉଥିଲେ। ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ପ୍ରଶାସନକୁ ସାହାଯ୍ୟ କରିବା ପାଇଁ ସ୍ଥାନୀୟ ପ୍ରଶାସନ ରାଜକୀୟ ସମର୍ଥନ ଲାଭ କରିପାରୁଥିଲା। ନିଜର ସମୃଦ୍ଧ ମନ୍ଦିରଗୁଡ଼ିକ ହରାଇ ଲୋହିତ ଭାରତୀୟମାନେ ସେମାନଙ୍କୁ ପରାସ୍ତ କରିଥିବା ୟୁରୋପୀୟମାନଙ୍କର ଧର୍ମ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ଧର୍ମ ପରିବର୍ତ୍ତନକୁ ନେଇ ଧାର୍ମିକ ଯୁକ୍ତିତର୍କ ହୋଇଥିଲେ ମଧ୍ୟ ଖ୍ରୀଷ୍ଟଧର୍ମ ପ୍ରଚାରକମାନେ "ଲୋହିତ ଭାରତୀୟମାନଙ୍କର ପ୍ରକୃତ ଆତ୍ମାସ୍ଥିତି ସମ୍ପର୍କରେ ପ୍ରଶ୍ନ କରିଥିଲେ।"

କାଥୋଲିକ ଧର୍ମର ଅନେକ ସଙ୍କେତ ଏବଂ କାଳ୍ପନିକ ତଥ୍ୟ ଲୋହିତ ଭାରତୀୟ ସମାଜକୁ ଗଭୀର ରୂପେ ପ୍ରଭାବିତ କରିଥିଲା। ଏହା ପରିଶେଷରେ ନିଜ ଧର୍ମକୁ ବଞ୍ଚାଇରଖି ଦୁର୍ବିସହ ଜୀବନଯାପନ କରିବା ଅପେକ୍ଷା ବିଜୟୀଶାସକମାନଙ୍କ ଧର୍ମକୁ ଗ୍ରହଣ କରି ସହଜ ଜୀବନ ଯାପନ କରିବା ପାଇଁ ସେମାନଙ୍କୁ ଅନୁପ୍ରାଣିତ କରିଥିଲା।

## ପ୍ରଜାହିତୈଷୀ ସ୍ୱେଚ୍ଛାଚାରୀ ଶାସନ ଏବଂ ବାଣିଜ୍ୟିକ ସାମ୍ରାଜ୍ୟବାଦ (Paternalism and Mercantilism) :

ଉପନିବେଶଗୁଡ଼ିକର ଅର୍ଥନୈତିକ ପ୍ରଶାସନ "ପ୍ରଜାହିତୈଷୀ ସ୍ୱଚ୍ଛାଚାରୀ ଶାସନ" ଚରିତ୍ରର ଥିଲା । ଯେହେତୁ ଉପନିବେଶବାଦ ତତ୍ତ୍ୱ ଅନୁଯାୟୀ ଆମେରିକାର ଅଧିକୃତ ଭୂଭାଗ ମାତୃରାଜ୍ୟ ରାଜାଙ୍କର ବ୍ୟକ୍ତିଗତ ସମ୍ପତ୍ତି ରୂପେ ବିବେଚିତ ହେଉଥିଲା, ତେଣୁ ସେଠାରେ ଏପରି ଶାସନ ବ୍ୟବସ୍ଥା ବ୍ୟତୀତ ଅନ୍ୟ କୌଣସି ପ୍ରକାର ଶାସନର ପ୍ରଚଳନ ଆଶା କରାଯାଉ ନଥିଲା । ଏହା ରାଜାଙ୍କର ବ୍ୟକ୍ତିଗତ ସାମ୍ରାଜ୍ୟ ଥିଲା, ତେଣୁ ସେ ଏହାକୁ ନିଜର ଇଚ୍ଛା ଅନୁଯାୟୀ ପରିଚାଳିତ କରିପାରୁଥିଲେ । ମାତ୍ର ସ୍ପେନୀୟ ଉପନିବେଶଗୁଡ଼ିକର ଅର୍ଥନୈତିକ ପ୍ରଶାସନ ତତ୍କାଳିନ ପାଶ୍ଚାତ୍ୟରାଷ୍ଟ୍ରଗୁଡ଼ିକୁ କବଳିତ କରିଥିବା ବାଣିଜ୍ୟକ ସାମ୍ରାଜ୍ୟବାଦର ତତ୍ତ୍ୱ ଅନୁରୂପ ଥିଲା । ବାଣିଜ୍ୟିକ ସାମ୍ରାଜ୍ୟବାଦର ଦାବୀ ଥିଲା ଯେ "ମାତୃଦେଶର ଲାଭ ଅନୁରୂପ ଉପନିବେଶଗୁଡ଼ିକ କାର୍ଯ୍ୟ କରିବା ଉଚିତ୍ । ସେଠାରୁ ସ୍ୱର୍ଣ୍ଣଖଣ୍ଡମାନ ପ୍ରେରିତ ହୋଇ ମାତୃଦେଶ ରାଜକୋଷ ପୂର୍ଣ୍ଣ ହେବା ଦରକାର । ମାତୃଦେଶକୁ ସର୍ବାଙ୍ଗୀନ ରୂପେ ସମୃଦ୍ଧ ତଥା ବିତ୍ତଶାଳୀ ଏବଂ କ୍ଷମତଶାଳୀ କରିବାରେ ଉପନିବେଶ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ବାଞ୍ଛନୀୟ" । ଏଣୁ ମେକ୍ସିକୋ ଓ ବୋଲିଭିଆରୁ ବିଭିନ୍ନ ଶିଳ୍ପର କଞ୍ଚାମାଲ ଉପଯୋଗୀ ଖଣିଜ ପଦାର୍ଥ ପ୍ରସ୍ତର ଖଣ୍ଡ ୱେଷ୍ଟଇଣ୍ଡିଜ୍, ମୁଖ୍ୟସ୍ଥଳଭୂମିରୁ ଥିବା ସ୍ପେନୀୟ ଉପନିବେଶ ଓ ବ୍ରାଜିଲ୍‌ରୁ ଚିନି ଏବଂ ବ୍ରାଜିଲ୍‌ରୁ ସଂଗୃହିତ ବିଭିନ୍ନ ବନଜାତ ଦ୍ରବ୍ୟ ତଥା ବ୍ରାଜିଲୀୟ ମୂଲ୍ୟବାନ ଲାଲକାଷ୍ଠ ଖଣ୍ଡମାନ ମାତୃଦେଶକୁ ରପ୍ତାନୀ ହେଉଥିଲା । ଏଥିରୁ ଜଣାପଡ଼େ ଯେ ମାତୃଦେଶ ସରକାର ନିଜର ସ୍ୱାର୍ଥହାସଲ ପାଇଁ ଉପନିବେଶଗୁଡ଼ିକର ଅର୍ଥନୀତିକୁ ପରିଚାଳିତ ତଥା ନିୟନ୍ତ୍ରିତ କରିବାର ଅଧିକାର ପ୍ରାପ୍ତ ହୋଇଥିଲେ । ସଂକ୍ଷେପରେ ଏହା ମାତୃଦେଶ ବଣିକଙ୍କୁ ଉପନିବେଶୀୟ ବାଣିଜ୍ୟର ଏକଚାଟିଆ ଅଧିକାର ପ୍ରଦାନ କରିବା ସହ ଉତ୍ପାଦକମାନଙ୍କ ଉପରେ ନିଷେଧାଜ୍ଞା ଜାରି କରିଥିଲା ।

## ନ୍ୟାସୀ ବା ଗୁଣକିର୍ତ୍ତନକାରୀ ବ୍ୟବସ୍ଥା (The Trusteeship or The Encomienda System) :

କାଳକ୍ରମେ ଅନୁଭବ କରାଗଲା ଯେ "ଉପନିବେଶୀୟ ଦେଶଗୁଡ଼ିକର ପ୍ରକୃତ ସମ୍ପଦ ଏହାର ଭୂଭାଗ ଏବଂ ମାନବଶ୍ରମବଳ ଯୋଗାଣ ଶକ୍ତି ଉପରେ ନିର୍ଭରଶୀଳ ଅଟେ'' । ଏହି ଉଭୟକୁ ବିଜୟୀରାଷ୍ଟ୍ର ନିଜ ନିୟନ୍ତ୍ରଣରେ ରଖିଥିଲା । ସ୍ପେନୀୟମାନେ ଆମେରିକୀୟ ଭୂଭାଗରେ କୃଷିର ବିକାଶ ପାଇଁ ନ୍ୟାସୀବ୍ୟବସ୍ଥା (Tristeeship or Encomienda) ପ୍ରଚଳନ କଲେ । ଏହି ବ୍ୟବସ୍ଥା ଫଳରେ ଏକ କୃଷି ଉତ୍ପାଦନ ଏକକକୁ ଜଣେ ନ୍ୟାସୀ ବା ଟ୍ରଷ୍ଟିଙ୍କ ହାତରେ ନ୍ୟସ୍ତ କରାଗଲା । ତାଙ୍କ ତତ୍ତ୍ୱାବଧାନ ଅଧିନରେ ଲୋହିତ ଭାରତୀୟମାନଙ୍କୁ କୃଷି ଶ୍ରମିକ ରୂପେ ସେହି କୃଷି ଉତ୍ପାଦନ ଏକକ ବା କୃଷି ଫାର୍ମରେ ବସତି ସ୍ଥାପନ ପୂର୍ବକ ଅବସ୍ଥାପିତ କରାଗଲା । ତତ୍ତ୍ୱଭିତ୍ତିରେ ବିଚାର କଲେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇ କ୍ରମେ ସଂସ୍କୃତି ସମ୍ପନ୍ନ ହେଉଥିବା ଲୋହିତ ଭାରତୀୟମାନଙ୍କୁ ଏହାଦ୍ୱାରା ଶୋଷଣରୁ ରକ୍ଷା କରାଯାଇପାରିବ ବୋଲି ଯୁକ୍ତି ବଢ଼ାଯାଉଥିବା ବେଳେ, କାର୍ଯ୍ୟ କ୍ଷେତ୍ରରେ ଏହା ସେମାନଙ୍କୁ କୃଷି କ୍ଷେତ୍ର ସହ ବାନ୍ଧି ପକାଇଥିଲା । ସେମାନେ ଟ୍ରଷ୍ଟିକୁ ଶ୍ରମ ଏବଂ କର ପ୍ରଦାନ କରିବାକୁ ବାଧ ଥିଲେ, ଯିଏ (ଟ୍ରଷ୍ଟି) କୃଷିଫାର୍ମକୁ ନିଜର ବ୍ୟକ୍ତିଗତ ସାମ୍ରାଜ୍ୟରୂପେ ବିବେଚନା କରୁଥିଲେ ।

## ସାମାଜିକ ସ୍ତରୀକରଣ (Social Stratification) :

ସାମନ୍ତବାଦ ଭିତ୍ତିଭୂମିରୁ ଆସିଥିବା ବିଜୟୀ ୟୁରୋପୀୟମାନେ ଆମେରିକାର ନୂତନ ଭୂଭାଗରେ ଏକ ଅତି ଉତ୍କଟ ଶ୍ରେଣୀର ସ୍ତରୀକୃତ ଆଭିଜାତ୍ୟ ପୂର୍ଣ୍ଣ ସମାଜର ପ୍ରଚଳନ କଲେ । ସାମରିକ ସେନାଧକ୍ଷ, ସମ୍ରାଟଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ପ୍ରଶାସନିକ ଅଧିକାରୀ ଏବଂ ଧର୍ମଯାଜକମାନେ ସମାଜର ସର୍ବୋଚ୍ଚ ସ୍ତରରେ ସ୍ଥାପିତ ହେଲେ ।

କ୍ରିଓଲ୍ (Creoles) ମାନେ ଆମେରିକା ଉପନିବେଶୀୟ ସମାଜର ଦ୍ୱିତୀୟ ସ୍ତରରେ ଥିଲେ । ଏମାନେ ସ୍ପେନୀୟ ବା ପର୍ତ୍ତୁଗୀଜୀୟ ବଂଶୀୟଙ୍କର ଆମେରିକାରେ ଜନ୍ମିତ ସନ୍ତାନ ଥିଲେ । ଏହି ଗୋଷ୍ଠୀର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଆମେରିକାର ଅଧିକାଂଶ କୃଷିଜାତ ଏବଂ ବ୍ୟବସାୟିକ ସମ୍ପତ୍ତିଗୁଡ଼ିକର ମାଲିକ ଥିଲେ । ସେମାନେ ନଗର ପରିଷଦ ମାଧ୍ୟମରେ ସ୍ଥାନୀୟ ପ୍ରଶାସନକୁ ନିୟନ୍ତ୍ରଣ କରୁଥିଲେ । ମାତ୍ର ସେମାନଙ୍କୁ ଉଭୟ ଗୀର୍ଜା ଓ ରାଷ୍ଟ୍ରର ଉଚ୍ଚ ପଦବୀରୁ ଦୂରେଇ ରଖାଯାଇ ଥିଲା । ସମ୍ରାଟଙ୍କ ପ୍ରତିନିଧିତ୍ୱ କରୁଥିବା ଉଚ୍ଚ ପ୍ରଶାସନିକ ଅଧିକାରୀମାନଙ୍କ ସହ ତିକ୍ତତା ଯୋଗୁ ଏହି କ୍ରିଓଲ୍ ଗୋଷ୍ଠୀ ଉପନିବେଶୀୟ ସ୍ୱାଧୀନତା ପାଇଁ "ଉପନିବେଶୀୟ ବିଦ୍ରୋହ"ର ନେତୃତ୍ୱ ନେଇଥିଲେ ଏବଂ ଏହି ବିଦ୍ରୋହର ମୁଖ୍ୟ ସୁଫଳଗୁଡ଼ିକ ସେମାନଙ୍କୁ ପ୍ରାପ୍ତ ହୋଇଥିଲା ।

ୟୁରୋପୀୟ ଏବଂ ଲୋହିତ ଭାରତୀୟଙ୍କ ମିଶ୍ରଣରୁ ଆମେରିକୀୟ ଉପନିବେଶର ତୃତୀୟ ସାମାଜିକ ସ୍ତର ବା ଶ୍ରେଣୀର ସୃଷ୍ଟି ହୋଇଥିଲା । ଏହି ମିଶ୍ରଜାତିକୁ ସ୍ପେନୀୟ ଉପନିବେଶରେ ମେଷ୍ଟୀଜୋ (Mestizos) କୁହାଯାଉଥିବା ବେଳେ ବ୍ରାଜିଲରେ ଏହି ମିଶ୍ରଜାତି ମାମେଲୁକୋ (Mamelucos) ରୂପେ ପରିଚିତ ହେଉଥିଲେ । ସେମାନଙ୍କୁ "ନୀଚ" ରୂପେ ଦେଖାଯାଉଥିଲା । ସମାଜର ମୁଖ୍ୟ ସ୍ରୋତରେ ଗୃହୀତ ହେବା ପାଇଁ ତଥା ବଞ୍ଚିବାର ସର୍ବନିମ୍ନ ସୁବିଧା ସୁଯୋଗ ପାପ୍ତି ହେବା ପାଇଁ ସେମାନଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା । ସେମାନେ ତାଙ୍କ ତଳ ଶ୍ରେଣୀର ଅଧିବାସୀମାନଙ୍କୁ ଅଧିକ ଶୋଷଣ କରିଥିଲେ ।

ସମାଜର ଚତୁର୍ଥ ବା ସର୍ବନିମ୍ନ ସ୍ତର ବା ଶ୍ରେଣୀରେ ଆମେରିକାର ମୂଳବାସିନ୍ଦା ଲୋହିତ ଭାରତୀୟମାନେ ଥିଲେ । ସେମାନଙ୍କୁ ପଣ୍ୟଦ୍ରବ୍ୟ ରୂପେ ବ୍ୟବହାର କରାଯାଉଥିଲା । ଆମେରିକା ବିଜୟର ସର୍ବାପେକ୍ଷା ଅଧିକ ଲାଭଦାୟକ ପଣ୍ୟ ଏହି "ଲୋହିତ ଭାରତୀୟ ଗୋଷ୍ଠୀ" ଥିଲେ । ବିରଳ କେତେକଙ୍କୁ ବାଦ ଦେଇ ପ୍ରାୟ ସମସ୍ତ ଲୋହିତ ଭାରତୀୟଙ୍କ ଅବସ୍ଥା ଆପାତତଃ "କ୍ରୀତଦାସ" (Slaves) ସମତୁଲ୍ୟ ଥିଲା । ଲୋହିତ ଭାରତୀୟଙ୍କ ଭାଗ୍ୟ ଅପେକ୍ଷା "ଆଫ୍ରିକୀୟ କ୍ରୀତଦାସ" (African Slaves) ମାନଙ୍କ ଭାଗ୍ୟ ଅଧିକ ଖରାପ ଥିଲା । ଅବଶ୍ୟ ବ୍ରାଜିଲ୍ ଏବଂ ୱେଷ୍ଟ୍ଇଣ୍ଡିଜ୍ ବ୍ୟତୀତ ଅନ୍ୟ ଆମେରିକୀୟ ଭୂଭାଗରେ ଆଫ୍ରିକୀୟ କ୍ରୀତଦାସଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ଥିଲା ।

**ଉଚ୍ଚମାନବ ମୃତ୍ୟୁହାର (High Rate of Human Mortality) :**

ଆମେରିକା ବିଜୟଠାରୁ ଆରମ୍ଭ କରି ଲାଟିନ୍ ଆମେରିକାର ସ୍ୱାଧୀନ ରାଷ୍ଟ୍ରଗୁଡ଼ିକର ଉତ୍ଥାନ ପର୍ଯ୍ୟନ୍ତ ଦୀର୍ଘ ତିନି ଶତାବ୍ଦୀର ସମୟକାଳ ମଧ୍ୟରେ ଆମେରିକା ଅନେକ ବର୍ଣ୍ଣାଢ୍ୟ ଏବଂ ନାଟକୀୟ ଘଟଣାବଳୀ ସହ ଅକଳନୀୟ ମାନବ ଦୁର୍ଦ୍ଦଶାର ଚିତ୍ର ମଧ୍ୟ ଅବଲୋକନ କରିଥିଲା । ଏହି ସମୟକାଳ ମଧ୍ୟରେ ଆମେରିକାରୁ କେବଳ ମାୟା, ଆଜ୍ଟେକ୍ ଓ ଇନ୍କା ପରି ମହାନ ସଭ୍ୟତାର ଅନ୍ତ ଘଟି ନଥିଲା, ମାତ୍ର ସମଗ୍ର ଆମେରିକାରୁ ସେଠାର ମୌଳିକ ସଂସ୍କୃତିର ସମୂଳ ବିନାଶ ଘଟିଥିଲା । ଲୋହିତ ଭାରତୀୟମାନେ ଏକ ନୂତନ ବିଦେଶୀ ଧର୍ମ ଓ ସଂସ୍କୃତିକୁ ଆପଣାଇ ନେବା ଦ୍ୱାରା ସେମାନଙ୍କ ମଧ୍ୟର ଥିବା ଶକ୍ତିଶାଳୀ ତଥା ଚିରସ୍ଥାୟୀ ସାମ୍ପ୍ରଦାୟିକ ବିଦ୍ୱେଷ ଲୋପ ପାଇଯାଇଥିଲା । ଉପନିବେଶୀୟ ଶାସନ ଦ୍ୱାରା ଶୋଷଣ ଏବଂ ସାମାଜିକ ସ୍ତରୀକରଣର ଏକ ନୂତନ ପ୍ରଜାତୀୟ ତତ୍ତ୍ୱବୋଧ ତତ୍କାଳୀନ ଉପନିବେଶୀୟ ଆମେରିକୀୟ ସମାଜ ଉପରେ ଲଦି ଦିଆଯାଇଥିଲା । ପ୍ରଜାତୀୟ ତତ୍ତ୍ୱ ବା ବର୍ଣ୍ଣବୈଷମ୍ୟ ବ୍ୟକ୍ତିବିଶେଷଠାରେ ଥିବା ଶ୍ୱେତପ୍ରଜାତୀ ବା ୟୁରୋପୀୟ ରକ୍ତର ଅନୁପାତକୁ ନେଇ କ୍ରିୟାଶୀଳ ହୋଇଥିଲା । ୟୁରୋପୀୟମାନଙ୍କ ଆମେରିକା ବିଜୟ ସେଠାର ମୂଳ ଅଧିବାସୀଙ୍କ ମୃତ୍ୟୁହାରକୁ ବୃଦ୍ଧି କରିଥିଲା । ୧୪୯୨ ଖ୍ରୀ:ଅରେ ହିସ୍ପାନିଓଲା (Hispaniola) ଦ୍ୱୀପର ଲୋକସଂଖ୍ୟା ପ୍ରାୟ ୨୫୦୦୦୦ ଥିବାବେଳେ ତାହା ୧୫୪୮ ଖ୍ରୀ:ଅ:ରେ ମାତ୍ର ୫୦୦୦କୁ ହ୍ରାସ ପାଇଯାଇଥିଲା । ୫୦ ବର୍ଷ ମଧ୍ୟରେ ଫ୍ଲୋରିଡାରେ ଥିବା ଏକ ମିଲିୟନ୍ ଲୋହିତ ଭାରତୀୟଙ୍କ ସଂଖ୍ୟାର ହ୍ରାସ ଘଟି ତାହା ମାତ୍ର ୫୦୦୦୦ରେ ସୀମିତ ହୋଇଯାଇଥିଲା । ଏହି ହାରରେ ସ୍ପେନୀୟ ଶାସନର ପ୍ରଥମ ଶତାବ୍ଦୀରେ ବିପୁଳ ଜନସଂଖ୍ୟାବିଶିଷ୍ଟ ମେକ୍ସିକୋ ମଧ୍ୟ ଜନଶୂନ୍ୟ ହୋଇପଡ଼ିଥିଲା ।

ଅବଶ୍ୟ ଏପରି ବିପୁଳ ଜୀବନହାନୀ କେବଳ ନୃସଂଶ ଗଣସଂହାର ଦ୍ୱାରା ସମ୍ଭବ ହୋଇ ନଥିଲା । ଅପରନ୍ତୁ ବହୁ ସଂଖ୍ୟକ ଆମେରିକୀୟ ମୂଳବାସିନ୍ଦା ବସନ୍ତ ଓ ମିଳିମିଳା ଆଦି ମହାମାରୀରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିଥିଲେ । ଏହି ରୋଗଗୁଡ଼ିକ ମୌଳିକ ରୂପେ ଆମେରିକାରେ ନଥିଲା ! ୟୁରେପୀୟମାନେ ଏହି ମହାମାରୀର ଭୂତାଣୁକୁ ସେମାନଙ୍କ ସଙ୍ଗେ ଆମେରିକାକୁ ବହନ କରି ଆଣିଥିଲେ । ଏହି ନୂତନ ଭୂତାଣୁ ପ୍ରତି ମୂଳବାସିନ୍ଦାଙ୍କ ଶରୀରରେ ପ୍ରାକୃତିକ ରୋଗ ପ୍ରତିରୋଧକ ଶକ୍ତି ପ୍ରସ୍ତୁତ ହୋଇଥିବାରୁ ସେମାନେ ବହୁ ସଂଖ୍ୟାରେ ଏଥିରେ ଆକ୍ରାନ୍ତ ହୋଇ ପ୍ରାଣତ୍ୟାଗ କରିଥିଲେ । ମାତ୍ର ଏହା ଅପେକ୍ଷା ଅଧିକ ନୃଶଂସ ଥିଲା ଅଗଣିତ ମୂଳ ଆମେରିକୀୟ, ବିଦେଶାଗତଙ୍କ ନିର୍ଦ୍ଦୟ କଠିନ ଶ୍ରମଶୋଷଣରୁ ମୃତ୍ୟୁବରଣ କରିବା । ସେମାନଙ୍କୁ କଠିନ ପରିଶ୍ରମରେ ଦୀର୍ଘକାଳ ପାଇଁ ନିଯୁକ୍ତ କରାଯିବାରୁ ସେମାନେ ଶ୍ରମକ୍ଳାନ୍ତ ଅବସନ୍ନତା ଏବଂ ଯତ୍ନ ଅଭାବରୁ ଅକାଳରେ ଝଡ଼ି ପଡିଥିଲେ ।

ଏହିପରି ଅଧିକାଂଶ ୟୁରୋପୀୟ ରାଷ୍ଟ୍ର ନୂତନ ରୂପେ ଆବିଷ୍କୃତ ଆମେରିକୀୟ ଭୂଭାଗରେ ଉପନିବେଶମାନ ସ୍ଥାପନ କରି ଲାଭବାନ ହୋଇଥିବା ବେଳେ, ଶ୍ୱେତାଙ୍ଗମାନଙ୍କର ଆମେରିକାରେ ପ୍ରବେଶ ଏହାର ପ୍ରକୃତ ମୌଳିକ ଅଧିବାସୀଙ୍କର ଅସରନ୍ତି ଦୁର୍ବିପାକର କାରଣ ହୋଇଥିଲା ।

## ଆଦର୍ଶ ପ୍ରଶ୍ନାବଳୀ

୧ । ଆମେରିକା ବିଜୟ ବିଷୟରେ ଆଲୋଚନା କର ।

୨ । ଆମେରିକାର ସାମାଜିକ ସ୍ତରୀକରଣ ବିଷୟରେ ବର୍ଣ୍ଣନା କର ।

# ଖଣିଖନନ ଏବଂ ଚାରାରୋପଣ : ଆଫ୍ରିକୀୟ କ୍ରୀତଦାସ

## (MINING AND PLANTATION : THE AFRICAN SLAVES)

ସମଗ୍ର ଆମେରିକାର ଭୂଭାଗ ଦୁଇଟି ମହାଦେଶରେ ବିଭକ୍ତ; ଯଥା – ଉତ୍ତର ଆମେରିକା ଏବଂ ଦକ୍ଷିଣ ଆମେରିକା । ଏହା ୧୪୯୨ ଖ୍ରୀ:ଅ:ରେ ଖ୍ରୀଷ୍ଟୋଫର୍ କୋଲମ୍ବସ୍‌ଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା । ଉତ୍ତର ଆମେରିକାରେ ବର୍ଷକୁ ପ୍ରାୟ ୧୦୦ ଦିନ ତୁଷାରପାତ ହେଉଥିବା ବେଳେ ଦକ୍ଷିଣ ଆମେରିକାରେ ବୃଷ୍ଟିପାତ ଏକ ସାଧାରଣ ଘଟଣା ଅଟେ । ଏଠାରେ ସର୍ବାଧିକ ତାପମାତ୍ରା ୨୧୦ ଡିଗ୍ରୀ ଫାରେନ୍‌ହାଇଟ୍‌ରୁ ୭୦ ଡିଗ୍ରୀ ଫାରେନ୍‌ହାଇଟ୍ ମଧ୍ୟରେ ଥିବା ବେଳେ, ସର୍ବନିମ୍ନ ତାପମାତ୍ରା ୪୦ ଡ଼ିଗ୍ରୀ ଫାରେନହାଇଟ୍‌ରୁ ୨୦ ଡିଗ୍ରୀ ଫାରେନ୍ ହାଇଟ୍ ମଧରେ ଥାଏ ।

ଆମେରିକା ପ୍ରାକୃତିକ ସମ୍ବଳରେ ଭରପୁର ଅଟେ । ଏହାର ପ୍ରାକୃତିକ ସମ୍ବଳ ମୁଖ୍ୟତଃ ଅରଣ୍ୟର ଉଦ୍ଭିଦମଣ୍ଡଳ ଏବଂ ଖଣିଖାଦାନଗୁଡ଼ିକରୁ ପ୍ରାପ୍ତ ହୋଇଥାଏ, ଯାହା ଆମେରିକାକୁ ବିଶେଷ ରୂପେ ସମୃଦ୍ଧ କରିଛି । ଉଦ୍ଭିଦ ମଣ୍ଡଳ ଓ ଖଣିଜ ସମ୍ପଦଗୁଡ଼ିକର ଉପଲବ୍ଧିକୁ ନେଇ ଆମେରିକାକୁ ନିମ୍ନଲିଖିତ ଆଞ୍ଚଳିକ ମଣ୍ଡଳରେ ବିଭକ୍ତ କରାଯାଇପାରେ, ଯଥା :–

### (କ) ମଧ୍ୟ ଆଟ୍‌ଲାଣ୍ଟିକ ଅଞ୍ଚଳ (The Middle Atlantic Region) :

ନ୍ୟୁୟର୍କ, ପେନସିଲ୍‌ଭାନିଆ ଏବଂ ଭର୍ଜିନିଆ ମଧ୍ୟ ଆଟ୍‌ଲାଣ୍ଟିକ ଅଞ୍ଚଳର ଅର୍ନ୍ତଭୁକ୍ତ ଅଟେ । ଏହି ଅଞ୍ଚଳର ଭୂଭାଗ ଅତ୍ୟନ୍ତ ଉର୍ବର ଅଟେ, ତେଣୁ ଏଠାରେ ବିଭିନ୍ନ ପ୍ରକାର ପନିପରିବା, ଗହମ, ମକା ଓ ଧୂଆଁପତ୍ର ଆଦି ପ୍ରଚୁର ପରିମାଣରେ ଚାଷ କରାଯାଏ । ଗୋପାଳନ ଏବଂ ଫଳଚାଷ ମଧ୍ୟ ଏଠାରେ ସାଧାରଣ ରୂପେ ପରିଦୃଷ୍ଟ ହୁଏ । ପରବର୍ତ୍ତି କାଳରେ ଏଠାରେ ବିଭିନ୍ନ କଳକାରଖାନା ଗଢ଼ି ଉଠିବା ସହ ଅନେକ ବାଣିଜ୍ୟ କେନ୍ଦ୍ର ନଗରମାନ ବିକଶିତ ହୋଇଥିଲା ।

### (ଖ) ନ୍ୟୁଇଂଲଣ୍ଡ ଅଞ୍ଚଳ (The New England Region) :

ଏହି ପାର୍ବତ୍ୟ ଅଞ୍ଚଳର ଜଳବାୟୁ ଏବଂ ମୃତ୍ତିକା କୃଷି ଅନୁପଯୁକ୍ତ ଅଟେ । ଏଠାରେ ମଧ୍ୟ ବିଶେଷ ପ୍ରାକୃତିକ ସମ୍ବଳ ନାହିଁ । ଏଣୁ ବର୍ତ୍ତମାନ ଏଠାରେ ଅନେକ ଲାଭଦାୟକ ଶିଳ୍ପ କେନ୍ଦ୍ରମାନ ସ୍ଥାପିତ ହୋଇଛି ।

### (ଗ) ଦକ୍ଷିଣ ଆଟଲାଣ୍ଟିକ ଅଞ୍ଚଳ (The Southern Atlantic Region) :

ଏହ ଅଞ୍ଚଳ ନିମ୍ନ ବିଷୁବ ମଣ୍ଡଳୀୟ ଫସଲ ଉତ୍ପାଦନ ପାଇଁ ଉପଯୁକ୍ତ ଅଟେ । ଏଠାରୁ ମଧ୍ୟ ଅନ୍ୟ କଞ୍ଚାମାଲଗୁଡ଼ିକ ବହୁ ପରିମାଣରେ ଉତ୍ପାଦନ କରାଯାଏ । ଏହି ଅଞ୍ଚଳର ସମୃଦ୍ଧି ଏବଂ ଉର୍ବରତା ଆମେରିକାରେ ପ୍ରତିଷ୍ଠିତ ବିଭିନ୍ନ ଶିଳ୍ପର ବିକାଶ ପାଇଁ ସହଯୋଗ ପ୍ରଦାନ କରେ ।

### (ଘ) ପ୍ରଶାନ୍ତ ମହାସାଗରୀୟ ପର୍ବତାଞ୍ଚଳ (The Pacific Mountain Region) :

ଅନେକ ପର୍ବତମାଳାର ଅବସ୍ଥିତି ଯୋଗୁ ଏଠାରେ ଖୁବ ଅଳ୍ପ ସଂଖ୍ୟକ ଜନବସତି ଦେଖାଯାଏ । ମାତ୍ର ଏଠାରେ ଖଣିଜ ସମ୍ପଦ ବହୁଳ ପରିମାଣରେ ଉପଲବ୍ଧ ହୁଏ । ଏଠାରେ ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର, ସୀସା ଓ ଦସ୍ତା ଆଦି ଧାତୁର ଖଣିମାନ ଅଛି । ଏହି ଅଞ୍ଚଳରେ ଲବଣାକ୍ତ ହ୍ରଦ ଏବଂ ଘଞ୍ଚ ଅରଣ୍ୟ ଦୃଷ୍ଟି ଗୋଚର ହୁଏ । ପାର୍ବତ୍ୟାଞ୍ଚଳ ଉଚ୍ଚଭାଗର ଅରଣ୍ୟରୁ ଉତ୍ତମମାନର କାଷ୍ଠଗଡମାନ ସଂଗ୍ରହ କରାଯାଏ । ଏଠାରେ ମଧ୍ୟ ଅନେକ ଫଳ ବଗିଚା ପ୍ରସ୍ତୁତ କରାଯାଇଥିବାର ଦେଖିବାକୁ ମିଳେ । ଦକ୍ଷିଣ ଭାଗରେ ଥିବା ଟେକ୍ସାସ୍ ଓ ଓକ୍ଲାହୋମ୍‌ରେ ଅଳ୍ପ ବୃଷ୍ଟିପାତ ଯୋଗୁ ସେଗୁଡ଼ିକ କୃଷି ଅନୁପଯୁକ୍ତ ଅଟେ । ମାତ୍ର ଏହି ଅଞ୍ଚଳ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଅଟେ ।

### (ଙ) ନିମ୍ନ ମିସିସିପି ଉପତ୍ୟକା (The Lower Mississipi Valley) :

ଏହି ଉପତ୍ୟକାର ଉର୍ବର ମୃତ୍ତିକାରେ ଆଖୁ, ଧାନ, ସୋୟାବିନ୍ ଏବଂ କପାଚାଷ ବହୁଳ ରୂପେ କରାଯାଏ । ଏହି ଅଞ୍ଚଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପମାନ ମଧ୍ୟ ପ୍ରତିଷ୍ଠିତ ହୋଇଛି ।

### (ଚ) ଓହିଓ ଉପତ୍ୟକା ବା ଊର୍ଦ୍ଧ୍ୱ ମିସିସିପି ଉପତ୍ୟକା
### (The Ohio Valley or the upper Mississipi Valley) :

ଏହି ଅଞ୍ଚଳ ଶିଳ୍ପ କ୍ଷେତ୍ରରେ ଅତ୍ୟନ୍ତ ବିକଶିତ ଅଟେ । ଏଠାରେ ପ୍ରତିଷ୍ଠିତ ଶିଳ୍ପଗୁଡ଼ିକ ଯୋଗୁ ଏହି ଅଞ୍ଚଳ ଅତ୍ୟନ୍ତ ସମୃଦ୍ଧ ଅଟେ ।

### (ଛ) ଆଭ୍ୟନ୍ତରଣୀୟ ବିସ୍ତୃତ ସମତଳ ଭୂମି (The Interior Great Plains) :

ଏହି ଅଞ୍ଚଳରେ ମକା ଓ ଗହମ ପ୍ରଚୁର ପରିମାଣରେ ଉତ୍ପାଦିତ ହୁଏ । ଏଠାର ମୃତ୍ତିକା ଅତ୍ୟନ୍ତ ଉର୍ବର ଏବଂ କୃଷି ଅନୁକୂଳ ଅଟେ । ଯଥେଷ୍ଟ ବୃଷ୍ଟିପାତ ମଧ୍ୟ ଏହି ଅଞ୍ଚଳକୁ କୃଷି ଉପଯୁକ୍ତ କରିଛି । ଏଠାରେ ଗୋପାଳନ, ଗୋପ୍ରଜନନ ଏବଂ କୁକୁଡ଼ାପାଳନ ମଧ୍ୟ କରାଯାଏ ।

### (ଜ) ଉତ୍ତର ଆମେରିକାର ସମୃଦ୍ଧ ଅଞ୍ଚଳ (The Rich Areas of North America) :

ଉତ୍ତର ଆମେରିକା ଲୌହ, କୋଇଲା, ତାମ୍ର ଓ ଖଣିଜ ତୈଳରେ ଅନ୍ୟ ସମସ୍ତ ମହାଦେଶ ଅପେକ୍ଷା ଅଧିକ ସମୁଦ୍ର ସମୃଦ୍ଧ ଅଟେ । ଏହାର ଉପକୂଳ ମତ୍ସ୍ୟ ସମ୍ପଦରେ ଭରପୂର ଅଟେ । ଏଠାରେ ସେଣ୍ଟ ଲରେନ୍ସ୍, କନିକ୍ଟିକଟ୍, ହଡ୍‌ସନ୍, ଡେଲାୱାର, ସୁସ୍‌କ୍ୱେହାନା, ପୋଟମାକ୍, ଜେମସ୍, ପୀଇ, ଡୀଇ ଓ ସାଭାନ୍ନା ଆଦି ପ୍ରଶସ୍ତ ନଦୀମାନ ପ୍ରବାହିତ ହେଉଥିବାରୁ ମହାଦେଶର ବହୁ ଅଭ୍ୟନ୍ତରକୁ ନଦୀପଥ ଦେଇ ଯାତାୟତ କରି ହୁଏ । ଏହାର ସମୁଦ୍ର ଉପକୂଳରେ ଥିବା ଅନେକ ନିରାପଦ ସାମୁଦ୍ରିକ ଖାଡ଼ି ଏଠାରେ ପ୍ରାରମ୍ଭିକ ଉପନିବେଶଗୁଡ଼ିକ ସ୍ଥାପନାରେ ସହାୟତା କରିଥିଲା । ଏଠାରେ ପ୍ରାୟ ୧୫ ଗୋଟି ପ୍ରାରମ୍ଭିକ ଉପନିବେଶ ଗଢ଼ି ଉଠିଥିଲା, ଯାହା ଆମେରିକାର ଇତିହାସକୁ ବିଭିନ୍ନ ରୂପେ ଗତିଶୀଳ କରିଥିଲା । କାନାଡ଼ାଠାରୁ ମେକ୍ସିକୋ ମଧ୍ୟରେ ୧୩ ଗୋଟି ସ୍ୱତନ୍ତ୍ର ଧରଣର ଉପନିବେଶ ସ୍ଥାପିତ ହୋଇଥିଲା ଯାହାର ନିଜସ୍ୱ ନୂତନ ଚାରିତ୍ରିକତା ଏବଂ ସଂସ୍କୃତି ବିକଶିତ ହୋଇଥିଲା ।

## ଆଫ୍ରିକୀୟ କ୍ରୀତଦାସ (The African Slaves) :

ୟୁରୋପୀୟମାନେ ଆମେରିକା ବିଜୟ କରିବା ପରେ ଏଠାରେ ପ୍ରଥମେ ଉପନିବେଶମାନ ସ୍ଥାପନ କରିଥିଲେ। ମାତ୍ର ଏହାର ଉର୍ବର ମୃତ୍ତିକା, ସୁନାବ୍ୟାନଦୀ, କୃଷି ଉପଯୋଗୀ ଜଳସେଚନର ସୁବିଧା, ଉତ୍ତମ ଜଳବାୟୁ ଓ ଆକର୍ଷଣୀୟ ଖଣିଜ ସମ୍ପଦ ସେମାନଙ୍କୁ ଏଠାରେ ସ୍ଥାୟୀ ରୂପେ ବସବାସ କରିବା ପାଇଁ ଅନୁପ୍ରାଣିତ କରିଥିଲା। କିନ୍ତୁ ବିସ୍ତୀର୍ଣ୍ଣ କୃଷିଭୂମି ଏବଂ ବହୁସଂଖ୍ୟକ ଖଣିଜ ସମ୍ପଦପୂର୍ଣ୍ଣ ଖାଦାନଗୁଡ଼ିକରେ କାର୍ଯ୍ୟ କରିବା ପାଇଁ ଏଠାରେ ମାନବ ସମ୍ବଳର ଘୋର ଅଭାବ ଥିଲା। ଉପନିବେଶ ସ୍ଥାପନ କରିବା ବେଳେ ସ୍ପେନୀୟମାନେ କେଳବ ରାଜ୍ୟ ଜୟରେ ମନୋନିବେଶ କରି ସେଠାରେ ସ୍ଥାନୀୟ ଲୋହିତ ଭାରତୀୟମାନଙ୍କ କଲ୍ୟାଣାର୍ଥେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ନୂତନ ରୂପେ ଆବିଷ୍କୃତ ଭୂଭାଗରେ ସେମାନେ ତାଙ୍କ ରାଷ୍ଟ୍ରର ଆଇନ, ଭାଷା ଓ ଧର୍ମୀୟ ଆଦର୍ଶକୁ ପ୍ରତିରୋପିତ କରିଥିଲେ। ସ୍ପେନୀୟମାନେ କାଳକ୍ରମେ ନିଜ ସହ ଲୋହିତ ଭାରତୀୟମାନଙ୍କୁ ସମାନ ସ୍ଥାନ ପ୍ରଦାନ କରିଥିଲେ। ଶିକ୍ଷା ପାଇଁ ବିଦ୍ୟାଳୟମାନ ସ୍ଥାପନ କରାଗଲା। ଧର୍ମପ୍ରଚାରକ ମିଶନାରୀମାନେ ଲୋହିତ ଭାରତୀୟମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କଲେ ଏବଂ ଅନେକ ଗୀର୍ଜା ନିର୍ମାଣ କରାଇଲେ। କୃଷି ଏବଂ ଚାରାରୋପଣର ଉନ୍ନତ ନୂତନ ପଦ୍ଧତିମାନ ଅନୁସରଣ କରାଗଲା। ଏହା ଫଳରେ ଆମେରିକାର ମୂଳବାସିନ୍ଦାମାନେ ଅନୁଭବ କଲେ ଯେ, "ସ୍ପେନୀୟମାନ ତାଙ୍କର ମୁକ୍ତି ପାଇଁ ଆସିଛନ୍ତି''। ଏହି ମୂଳବାସିନ୍ଦା ସ୍ପେନୀୟମାନଙ୍କ ସହ ସମକକ୍ଷ ମନେ କରି ସେମାନଙ୍କ କ୍ଷେତରେ କୃଷି ଓ ଚାରାରୋପଣ କାର୍ଯ୍ୟରେ ଶ୍ରମିକମାନଙ୍କ ପରି ପରିଶ୍ରମ ନ କରିବାରୁ ସ୍ପେନୀୟମାନଙ୍କୁ ଆଫ୍ରିକାରୁ କ୍ରୀତଦାସ ସଂଗ୍ରହ କରି ସେହି କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିଲା। ଏଣୁ କ୍ରମେ ଆମେରିକା ମହାଦେଶରେ ଆଫ୍ରିକୀୟ କ୍ରୀତଦାସ ପ୍ରଥାର ପ୍ରବେଶ ଘଟିଲା। ପରେ ଏହା ଆମେରିକା ପାଇଁ ଏକ ବୃହତ୍ ସମସ୍ୟା ହେବା ସହ ଆମେରିକୀୟ ଗୃହଯୁଦ୍ଧର କାରଣ ହୋଇପଡ଼ିଥିଲା।

## ଆଫ୍ରିକୀୟ କ୍ରୀତଦାସମାନଙ୍କ ଆବଶ୍ୟକତା (Necessity of African Slaves) :

ଆମେରିକା ମହାଦେଶର ଭୌଗୋଳିକ ସ୍ଥିତି ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଥିଲା। ଦକ୍ଷିଣ ଆମେରିକାର ଅର୍ଥନୀତି କୃଷିଭିତ୍ତିକ ଥିଲା ଏବଂ ଏଠାରେ ଶସ୍ତା କୃଷିଶ୍ରମିକମାନଙ୍କର ବହୁଳ ଆବଶ୍ୟକତା ଥିଲା। ସ୍ଥାନୀୟ କୃଷିଶ୍ରମିକମାନଙ୍କ ଅଭାବ ଆଫ୍ରିକୀୟ କ୍ରୀତଦାସ ପ୍ରଥାକୁ ଉତ୍ସାହିତ କରିଥିଲା। କ୍ରୀତଦାସ ପ୍ରଥାକୁ ପ୍ରଥମେ ଭର୍ଜିନୀଆ ପ୍ରଚଳନ କରିଥିଲା। ଅତିଶୀଘ୍ର ଏହା ଅନ୍ୟ ଉପନିବେଶୀୟ ବସତିଗୁଡ଼ିକରେ ଗ୍ରହଣ କରାଗଲା। ମାତ୍ର ମହାଦେଶର ଦକ୍ଷିଣ ଭାଗରେ ଏହି ପ୍ରଥା ଅତ୍ୟନ୍ତ ଲୋକପ୍ରିୟ ଥିଲା।

ନୂତନ ରୂପେ ଆବିଷ୍କୃତ ଭୂଭାଗକୁ ଅମାପ ଧନ ସମ୍ପତ୍ତିର ସନ୍ଧାନ ଆଶାରେ ଆସିଥିବା ଉପନିବେଶବାଦୀ ଓ ବସତିସ୍ଥାପନକାରୀମାନେ ସେଠାରେ ପହଞ୍ଚିବା ପରେ ମାଲିକାନା ହୀନ ବିସ୍ତୃତ ଭୂସମ୍ପତ୍ତିକୁ ନିଜର ସମ୍ପତ୍ତି ରୂପେ ବିବେଚନା କରି ସେହି ସ୍ଥାନରେ ବସବାସ କରି ରହିଗଲେ। ପରବର୍ତ୍ତି କାଳରେ ଏପରି ବାସିନ୍ଦାମାନେ ପରସ୍ପର ସହଯୋଗରେ କୃଷିକ୍ଷେତ୍ରମାନ ପ୍ରସ୍ତୁତ କରି ସେଥିରୁ ଖାଦ୍ୟଶସ୍ୟ, ପନିପରିବା ଓ ଫଳପୁଷ୍ପ ଆଦି ଉତ୍ପାଦନ କରିବା ସହ ସେଠାରେ ନିଜର ବାସଗୃହମାନ ମଧ୍ୟ ନିର୍ମାଣ କଲେ।

ଏପରି ବାସିନ୍ଦାମାନେ ସେମାନଙ୍କୁ କୃଷିକାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଭଡ଼ା ଶ୍ରମିକମାନଙ୍କୁ ଠିକାରେ ଆଣିଥିଲେ। ସେହି ଶ୍ରମିକମାନେ ଅଧିକାଂଶ ରୂପେ ଶ୍ୱେତାଙ୍ଗ ବ୍ୟକ୍ତି ଥିଲେ। ୟୁରୋପର କେତେକ ବ୍ୟକ୍ତି ଆମେରିକା ଆସିବାକୁ ଇଚ୍ଛା ପ୍ରକାଶ କରୁଥିଲେ, କିନ୍ତୁ ସେମାନଙ୍କ ନିକଟରେ ଅର୍ଥ ନ ଥିବାରୁ ଏଠାକୁ ଆସିପାରୁ ନଥିଲେ। ଏଣୁ ଆମେରିକୀୟ ଉପନିବେଶବାସୀଙ୍କ ଦ୍ୱାରା ସେମାନଙ୍କୁ ଗସ୍ତ ଖର୍ଚ୍ଚ ପ୍ରଦାନ ପୂର୍ବକ ଏକ ନିର୍ଦ୍ଦିଷ୍ଟ ସମୟ କାଳ ପାଇଁ କୃଷି କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରାଯାଉଥିଲା। ଦ୍ୱିତୀୟ ଶ୍ରେଣୀର ଠିକା ଶ୍ରମିକମାନେ ଅପରାଧିକ କାର୍ଯ୍ୟରେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ଭୋଗୁଥିବା ବନ୍ଦୀମାନେ ଥିଲେ। ଏପରି ବ୍ୟକ୍ତିମାନଙ୍କୁ ଇଂଲଣ୍ଡରୁ ଆମେରିକାକୁ ପ୍ରେରଣ କରାଯାଉଥିଲା ଏବଂ ପରବର୍ତ୍ତି

କାଳରେ ସେମାନଙ୍କୁ ସେଠାରେ ବିକ୍ରୀ କରି ଦିଆଯାଉଥିଲା । ତୃତୀୟ ଶ୍ରେଣୀର ଶ୍ରମିକମାନେ ଥିଲେ ୟୁରୋପୀୟ ଦେଶଗୁଡ଼ିକରୁ ଅପହୃତ ବ୍ୟକ୍ତି ଓ ବାଳକମାନେ ଯେଉଁମାନଙ୍କୁ ଆମେରିକାରେ ବିକ୍ରୟ କରି ଦିଆଯାଉଥିଲା । ଆରମ୍ଭରୁ ଏପରି ଶ୍ରମିକମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରାଯାଉଥିଲା । ଏଣୁ ଅନେକ କାର୍ଯ୍ୟ ଛାଡ଼ି ଜଙ୍ଗଲକୁ ପଳାୟନ କରୁଥିଲେ କିମ୍ବା ନିର୍ଯ୍ୟାତନା ସହ୍ୟ କରି ନପାରି ମୃତ୍ୟୁବରଣ କରୁଥିଲେ । ଏଣୁ ସର୍ବଦା ଶ୍ରମିକମାନଙ୍କର ଅଭାବ ଅନୁଭୂତ ହେଉଥିଲା ଏବଂ ଏହା ଆଫ୍ରିକୀୟ କ୍ରୀତଦାସ ପ୍ରଥାକୁ ଜନ୍ମ ଦେଇଥିଲା । ନିଗ୍ରୋ କ୍ରୀତଦାସମାନେ ଶସ୍ତା ତଥା ଅଧିକ ଲାଭ ପ୍ରଦାନକାରୀ ଥିଲେ ।

ଡଚ୍‌ମାନେ ଜାହାଜରେ ୧୬୧୯ ଖ୍ରୀ:ଅ:ରେ ଆମେରିକାକୁ ଆଣିଥିବା ୨୧ଜଣ ନିଗ୍ରୋ କ୍ରୀତଦାସଙ୍କୁ ଭର୍ଜିନୀଆ ଉପନିବେଶରେ ବିକ୍ରି କରିବା ସହ ଆମେରିକାରେ "ଆଫ୍ରିକୀୟ କ୍ରୀତଦାସ ପ୍ରଥା"ର ପ୍ରଚଳନ ଆରମ୍ଭ ହୋଇଥିଲା । ଏହି ଉପନିବେଶର ଅଧିବାସୀମାନେ ସେମାନଙ୍କ କାର୍ଯ୍ୟ ସମ୍ପାଦନ ପାଇଁ ନିଗ୍ରୋ କ୍ରୀତଦାସ ଅତ୍ୟନ୍ତ ଶସ୍ତା ତଥା ସୁବିଧାଜନକ ଥିବାର ଅନୁଭବ କଲେ । ଅତିଶୀଘ୍ର ଅନ୍ୟ ଉପନିବେଶଗୁଡ଼ିକ ଭର୍ଜିନୀଆକୁ ଅନୁସରଣ କରି ଆଫ୍ରିକୀୟ କ୍ରୀତଦାସ ବ୍ୟବସାୟକୁ ଉତ୍ସାହିତ କରିଥିଲେ । ୧୬୪୯ ଖ୍ରୀ:ଅ:ରେ ଆମେରିକାର ଉପନିବେଶଗୁଡ଼ିକରେ ମାତ୍ର ୩୦୦ କ୍ରୀତଦାସ ଥିବାବେଳେ ପରବର୍ତ୍ତୀ ଦୁଇ ଦଶନ୍ଧି ମଧ୍ୟରେ ସେମାନଙ୍କ ସଂଖ୍ୟା ୨୦୦୦କୁ ବୃଦ୍ଧି ପାଇଥିଲା । ବ୍ରିଟିଶ ଜାହାଜଗୁଡ଼ିକ ଆଫ୍ରିକାରୁ ସ୍ୱତନ୍ତ୍ର ରୂପେ ନିର୍ମିତ ଜାହାଜରେ ଏକାବେଳକେ ବହୁ ସଂଖ୍ୟକ କ୍ରୀତଦାସମାନଙ୍କୁ ଆଣି ଆମେରିକା ମହାଦେଶରେ ବିକ୍ରି କରୁଥିଲେ ।

ବ୍ରିଟିଶ ସମ୍ରାଟ ୧୬୭୨ ଖ୍ରୀ:ଅ:ରେ ରୟାଲ ଆଫ୍ରିକାନ କମ୍ପାନୀକୁ ଏକଚାଟିଆ ରୂପେ କ୍ରୀତଦାସ ବ୍ୟବସାୟ କରିବାକୁ ଅନୁମତି ପ୍ରଦାନ କରିବାରୁ ଅନ୍ୟ ବ୍ୟବସାୟୀମାନେ ଏହାର ବିରୋଧ କରିଥିଲେ । ଏଣୁ ଏହି ଆଦେଶ ୧୬୯୮ ଖ୍ରୀ:ଅ:ରେ ଅପସାରଣ କରି ନିଆଯାଇଥିଲା । ଦିନକୁ ଦିନ କ୍ରୀତଦାସ ବ୍ୟବସାୟର ଅଭିବୃଦ୍ଧି ଘଟିଥିଲା ଏବଂ ଶିଳ୍ପ ବିପ୍ଳବ ବେଳକୁ ଅମେରିକାର ସମଗ୍ର ଜନସଂଖ୍ୟା ୨.୫ ମିଲିଅନ୍‌ରେ ପହଞ୍ଚିଥିବା ବେଳେ ଏହି ସଂଖ୍ୟାର ୨୦% କେବଳ ନିଗ୍ରୋ କ୍ରୀତଦାସ ଥିଲେ । ନିଗ୍ରୋ କ୍ରୀତଦାସମାନେ ଭର୍ଜିନୀଆ; ଦକ୍ଷିଣ କାରୋଲିନା, ମେରିଲାଣ୍ଡ, ଜର୍ଜିଆ, ଉତ୍ତର କାରୋଲିନା, କେଣ୍ଟୁକୀ ଏବଂ ଡେଲାୱାର୍‌ରେ ବହୁସଂଖ୍ୟାରେ କାର୍ଯ୍ୟ କରୁଥିଲେ ।

କପାଚାଷ ପାଇଁ ଆଫ୍ରିକୀୟ କ୍ରୀତଦାସମାନେ ଆର୍ଥିକ ରୂପେ ଅତ୍ୟନ୍ତ ଶସ୍ତା ଥିଲେ । ମାତ୍ର ୨ ରୁ ୩ ଜଣ କ୍ରୀତଦାସଙ୍କ ସହାୟତାରେ ଶ୍ୱେତାଙ୍ଗ କପାଚାଷୀମାନେ ଶହ ଶହ ଏକର ଚାଷ ଜମିରୁ ତୁଳା ଉତ୍ପାଦନ କରିପାରୁଥିଲେ । ଫଳରେ ଏହା କ୍ରୀତଦାସ ବ୍ୟବସାୟକୁ ସମୃଦ୍ଧ କରିଥିଲା ଏବଂ ଆମେରିକାର ଦକ୍ଷିଣ ଭାଗରେ ଥିବା ଉପନିବେଶ ବାସୀମାନେ ସମସ୍ତ ସମ୍ଭାବ୍ୟ ଉତ୍ସରୁ କ୍ରୀତଦାସ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ । ୧୮୦୮ ଖ୍ରୀ:ଅ:ର ପରବର୍ତ୍ତି ସମୟରେ ବିଦେଶରୁ କ୍ରୀତଦାସ ଆମଦାନୀ କରିବା ଆଇନ ବିରୁଦ୍ଧ ହୋଇପଡ଼ିଲା । ଆମେରିକାର ଉତ୍ତରାଞ୍ଚଳର ରାଜ୍ୟଗୁଡ଼ିକରେ ଥିବା ଅନେକ କ୍ରୀତଦାସଙ୍କୁ ଦକ୍ଷିଣାଞ୍ଚଳ ଚାଷୀଙ୍କୁ ବିକ୍ରିସୂତ୍ରରେ ହସ୍ତାନ୍ତର କରାଗଲା । ଏହିପରି ଆମେରିକାର ଦକ୍ଷିଣାଞ୍ଚଳରେ ୧୭୯୦ ଖ୍ରୀ:ଅ: ବେଳକୁ ଥିବା ୮,୦୦,୦୦୦ ସଂଖ୍ୟାର ନିଗ୍ରୋ କ୍ରୀତଦାସଙ୍କ ସଂଖ୍ୟା ୧୮୬୦ ଖ୍ରୀ:ଅ: ବେଳକୁ ୪୦,୦୦,୦୦୦ ସଂଖ୍ୟାରେ ପହଞ୍ଚ ପାରିଥିଲା ।

## କ୍ରୀତଦାସ ପ୍ରଥାର ଉଚ୍ଛେଦ (Abolition of Slavery) :

ଆରମ୍ଭରୁ କ୍ରୀତଦାସ ପ୍ରଥାକୁ ଏକ ଆମାନୁଷିକ କାର୍ଯ୍ୟରୂପେ ଅଭିହିତ କରାଯାଉଥିଲା । "ଜଣେ ବ୍ୟକ୍ତିକୁ ଅନ୍ୟ ଜଣେ ବ୍ୟକ୍ତି କ୍ରୀତଦାସ ରୂପେ ବ୍ୟବହାର କରିବା" ମାନବ ଅଧିକାରର ଘୋର ଉଲଙ୍ଘନ ଥିଲା । ବିଶେଷ କରି ଯେଉଁ ଆମେରିକୀୟ ସମାଜର ଆଦର୍ଶ ଥିଲା, "ସ୍ୱାଧୀନତା, ସାମ୍ୟତା ଓ ଗଣତନ୍ତ୍ର" (Freedom, Equality and Demacracy) ସେହି ସମାଜରେ କ୍ରୀତଦାସ ପ୍ରଥାର କୌଣସି ସ୍ଥାନ ନଥିଲା । ମାତ୍ର ଆମେରିକାର ଦକ୍ଷିଣାଞ୍ଚଳରେ ବିକଶିତ ହୋଇଥିବା ଅର୍ଥନୀତି କୃଷିଭିତ୍ତିକ ଥିଲା ଏବଂ କପାଚାଷ ଉପରେ ନିର୍ଭରଶୀଳ ଏହି ଅର୍ଥନୀତି ଶସ୍ତା ଶ୍ରମିକ ସମ୍ବଳ ଉପରେ ଏପରି ନିର୍ଭରଶୀଳ ଥିଲା ଯେ ତାହା ବିନା କ୍ରୀତଦାସରେ ତିଷ୍ଠି ରହିବାର ସମ୍ଭାବନା କ୍ଷୀଣ ଥିଲା । କ୍ରୀତଦାସଙ୍କର ମାଲିକ ତାଙ୍କୁ

ତାଙ୍କର ବ୍ୟକ୍ତିଗତ ସମ୍ପତ୍ତି ରୂପେ ବିବେଚନା କରୁଥିଲେ ଏବଂ ତାଙ୍କର ମାନବାଧିକାରକୁ ସମ୍ପୂର୍ଣ୍ଣ ରୂପେ ହନନ କରୁଥିଲେ। କ୍ରୀତଦାସମାନଙ୍କୁ ପଣ୍ୟଦ୍ରବ୍ୟ ପରି କିଣାବିକା କରାଯାଇ ପାରୁଥିଲା। ଏଣୁ କ୍ରୀତଦାସ ପ୍ରଥାକୁ ଉଚ୍ଛେଦ କରିବା ଅନିବାର୍ଯ୍ୟ ହୋଇପଡ଼ିଥିଲା। ଊନବିଂଶ ଶତାବ୍ଦୀରେ ଏପରି କେତେକ ଘଟଣା ଘଟିଥିଲା, ଯାହା କ୍ରୀତଦାସ ପ୍ରଥାକୁ ଉଚ୍ଛେଦ କରିବାର ପଥ ପରିଷ୍କାର କରିଥିଲା।

## ପ୍ରାରମ୍ଭିକ କ୍ରୀତଦାସ ବିଦ୍ରୋହ (Early Slave Insurrections) :

କ୍ରୀତଦାସମାନଙ୍କୁ ମାଲିକମାନେ ଅତ୍ୟନ୍ତ କ୍ରୂର ବ୍ୟବହାର ପ୍ରଦର୍ଶନ କରୁଥିଲେ। ଫଳରେ ଅନେକ କ୍ରୀତଦାସ ବିଦ୍ରୋହ କରିଥିଲେ। ମାତ୍ର ଏହି ବିଦ୍ରୋହଗୁଡ଼ିକୁ ବଳପୂର୍ବକ ଦମନ କରାଯାଇଥିଲା। ନ୍ୟୁୟର୍କରେ ୧୭୧୨ ଖ୍ରୀ:ଅ:ରେ ପ୍ରଥମ ନିଗ୍ରୋ ବିଦ୍ରୋହ ସଂଘଟିତ ହୋଇଥିଲା। ମାତ୍ର ବଳପୂର୍ବକ ୨୧ ଜଣ ନିଗ୍ରୋ କ୍ରୀତଦାସଙ୍କୁ ହତ୍ୟା କରାଯାଇ ଏହି ବିଦ୍ରୋହକୁ ନିୟନ୍ତ୍ରଣ କରାଯାଇଥିଲା। ଦକ୍ଷିଣ କାରୋଲିନାରେ ୧୭୩୯ ଖ୍ରୀ:ଅ:ରେ ତିନିଗୋଟି କ୍ରୀତଦାସ ଆନ୍ଦୋଳନ ହୋଇଥିଲା। ଏହି ବିଦ୍ରୋହରେ ୩୦ ଜଣ ଶ୍ୱେତାଙ୍ଗ ଏବଂ ୪୦ ଜଣ ନିଗ୍ରୋଙ୍କର ଜୀବନହାନୀ ହୋଇଥିଲା। ଚାର୍ଲେସ୍ ଟାଉନ୍‌ରେ ୧୭୪୦ ଖ୍ରୀ:ଅ:ରେ ୫୦ ଜଣ ନିଗ୍ରୋଙ୍କୁ ଫାଶୀ ପ୍ରଦାନ କରାଯାଇଥିଲା। ନ୍ୟୁୟର୍କରେ ୧୭୪୧ ଖ୍ରୀ:ଅ:ରେ ଅନ୍ୟ ଏକ ନିଗ୍ରୋ କ୍ରୀତଦାସ ବିଦ୍ରୋହ ସଙ୍ଘଟିତ ହୋଇଥିଲା। ଏହିପରି ସମୟ ସମୟକୁ ସଂଘଟିତ ହେଉଥିବା କ୍ରୀତଦାସ ଅଶାନ୍ତି କେତେକ ବୁଦ୍ଧିଜୀବିଙ୍କ ଆତ୍ମାକୁ ଆନ୍ଦୋଳିତ କରିଥିଲା। ଏଣୁ ସେମାନେ କ୍ରୀତଦାସ ପ୍ରଥାର ଉଚ୍ଛେଦ ପାଇଁ ଆନ୍ଦୋଳନ କରିବାକୁ ଉତ୍ସାହିତ ହୋଇଥିଲେ।

## ଉପନିବେଶ ସ୍ଥାପନ ମାଧ୍ୟମରେ କ୍ରୀତଦାସ ପ୍ରଥାର ଉଚ୍ଛେଦ (Abolition of Slavery through Colonization) :

ମିସୋରୀ ଆପୋଷ ବୁଝାମଣା - ୧୮୨୦ ଖ୍ରୀ:ଅ: (The Missouri Compromise - 1820 AD) ଦ୍ୱାରା କ୍ରୀତଦାସ ପ୍ରସଙ୍ଗର ସମାଧାନ ପାଇଁ ପ୍ରଚେଷ୍ଟା କରାଯାଇଥିଲା। ଏହାଦ୍ୱାରା ବିବାଦର ଆପାତଃ ସମାଧାନ ହୋଇଯାଇ ଥିବା ବାହ୍ୟରୂପେ ପ୍ରତୀୟମାନ ହୋଇଥିଲେ ମଧ୍ୟ ପ୍ରକୃତରେ ଅଭ୍ୟନ୍ତରଣୀୟ ବିବାଦ ପୂର୍ବପରି ଲାଗି ରହିଥିଲା। ୧୮୨୬ ଖ୍ରୀ:ଅ:ରେ ପ୍ରାୟ ୧୪୩ ଗୋଟି ସାମାଜିକ ସଂସ୍ଥା ଆଫ୍ରିକୀୟ କ୍ରୀତଦାସ ପ୍ରଥାର ଉଚ୍ଛେଦ ପାଇଁ କାର୍ଯ୍ୟ କରୁଥିଲେ। ୧୮୧୭ ଖ୍ରୀ:ଅ:ରେ ଆମେରିକୀୟ ଉପନିବେଶ ସ୍ଥାପନ ସମାଜ (American Colonization Society) ସ୍ଥାପିତ ହୋଇଥିଲା। ବିଭିନ୍ନ ସମୟରେ ମାଡିସନ୍, ମନ୍‌ରୋ ଓ ଜନ୍ ମାର୍ଶାଲ ଏହାର ସଭାପତି ଥିଲେ। ଏହି ସଂସ୍ଥାର ଲକ୍ଷ୍ୟଥିଲା "ସେମାନେ ଆଫ୍ରିକୀୟ କ୍ରୀତଦାସମାନଙ୍କୁ ପୁର୍ନବାର ଆଫ୍ରିକା ମହାଦେଶକୁ ଫେରାଇ ନେଇ ସେଠାରେ ସେମାନଙ୍କର ଉପନିବେଶ ସ୍ଥାପନ ପୂର୍ବକ ଥଇଥାନ ବ୍ୟବସ୍ଥା କରିବା"। ସେହପରି ୧୮୩୧ ଖ୍ରୀ:ଅ:ରେ ମିସିସିପି ଉପନିବେଶ ସ୍ଥାପନ ସମାଜ (Mississippi Colonization Society) ନାମକ ଅନ୍ୟ ଏକ ସଂସ୍ଥା ମଧ୍ୟ ଏପରି ଲକ୍ଷ୍ୟ ନେଇ ସ୍ଥାପିତ ହୋଇଥିଲା। ଏହି ସଂସ୍ଥାଗୁଡ଼ିକ ସେଭଳି କୌଣସି ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦିତ କରିପାରି ନଥିଲେ ମଧ୍ୟ ସେମାନଙ୍କ ଦ୍ୱାରା ପ୍ରାୟ ୧୫୦୦୦ ଆଫ୍ରିକୀୟ କ୍ରୀତଦାସ ଆଫ୍ରିକାରେ ପ୍ରତିଷ୍ଠିତ ଉପନିବେଶଗୁଡ଼ିକୁ ସ୍ଥାନାନ୍ତରିତ ହୋଇ ସ୍ୱାଧିନ ଜୀବନଯାପନ କରିପାରିଥିଲେ।

## କ୍ରୀତଦାସ ପ୍ରଥା ବିରୁଦ୍ଧରେ ଆନ୍ଦୋଳନ (The Movement Against Slavery) :

କ୍ୱାକର ବନାମିନ୍ ଲୁଣ୍ଡୀ ୧୮୨୧ ଖ୍ରୀ:ଅ:ରେ ଆଫ୍ରିକୀୟ କ୍ରୀତଦାସ ପ୍ରଥା ପରି ଏକ ଜଘନ୍ୟ ବ୍ୟବସ୍ଥା ବିରୁଦ୍ଧରେ ଜନସମାଜରେ ଜାଗରଣ ସୃଷ୍ଟି କରିବା ପାଇଁ ଏକ "କ୍ରୀତଦାସତ୍ୱ ବିରୋଧି" (Anti-Slavery) ପତ୍ରିକାର ପ୍ରତିଷ୍ଠା କଲେ। ଏହି ପ୍ରତିକାର ସହଯୋଗୀ ସମ୍ପାଦକ ଥିବା ଉତ୍ସାହିତ ବ୍ୟକ୍ତିତ୍ୱ ଉଲିୟମ୍ ଲୟଡ୍ ଗାରିସନ୍ ସ୍ୱାଧିନ ରୂପେ ବୋଷ୍ଟନରୁ "ଦି

ଲିବରେଟର୍" (The Liberator) ନାମକ ଅନ୍ୟ ଏକ "କ୍ରୀତଦାସତ୍ୱ ବିରୋଧି" ପତ୍ରିକାର ପ୍ରକାଶନ କଲେ । ସେ କ୍ରୀତଦାସତ୍ୱ ବିରୁଦ୍ଧରେ ଉଲ୍ଲେଖ କରିଥିଲେ, "ମୁଁ ଏହି ପ୍ରସଙ୍ଗରେ ଇଞ୍ଚେ ହେଲେ ପଛଘୁଞ୍ଚା ଦେବି ନାହିଁ ଏବଂ ମୋତେ ନିଶ୍ଚିତ ରୂପେ ଆପଣ ଶୁଣିବେ'' । ସେ ଯୁକ୍ତି କରିଥିଲେ ଯେ "କ୍ରୀତଦାସମାନଙ୍କୁ ତତ୍‌କ୍ଷଣାତ୍ ମୁକ୍ତି କରିଦେବାକୁ ପଡିବ- ସେମାନେ ତାଙ୍କର ମାଲିକମାନଙ୍କୁ କୌଣସି ଦେୟ ପ୍ରଦାନ କରିବେ ନାହିଁ କିମ୍ବା ସେମାନଙ୍କୁ ଦେଶାନ୍ତର ଯିବାକୁ ହେବ ନାହିଁ'' । ତାଙ୍କ ସହାୟତାରେ ୧୮୩୧ ଖ୍ରୀ:ଅ:ରେ "ନବ ଇଂଲଣ୍ଡ କ୍ରୀତଦାସତ୍ୱ ବିରୋଧୀ ସମାଜ" (New England Anti-Slavery Society) ସଂଗଠିତ ହୋଇଥିଲା । ଗାରିସନ୍, ହ୍ୱିଟ୍‌ଲର, ଯୋଶୁଭା, ଲିଏଭିଟ୍, ଫ୍ଲୁଯୁର ରାଇଟ୍ ଏବଂ ଅନ୍ୟମାନେ ମିଳିତ ରୂପେ ୧୮୩୩ ଖ୍ରୀ:ଅ:ରେ ଅନ୍ୟ ଏକ ଆମେରିକୀୟ କ୍ରୀତଦାସତ୍ୱ ବିରୋଧୀ ସମାଜ ଗଠନ କରିଥିଲେ । ଫଳରେ କ୍ରୀତଦାସତ୍ୱ ଉଚ୍ଛେଦ ପାଇଁ ଏକ ନୈତିକ ଆନ୍ଦୋଳନର ଆରମ୍ଭ ହୋଇଥିଲା । ଏହାକୁ ଲକ୍ଷ୍ୟ କରି ଉଡ୍‌ବର୍ଣ୍ଣ ଏବଂ ମୋରନ୍ ମନ୍ତବ୍ୟ ପ୍ରଦାନ କରିଥିଲେ, "ଏହି ଆନ୍ଦୋଳନ ଆମେରିକୀୟ ରାଜନୀତି କ୍ଷେତ୍ର ମଧ୍ୟକୁ ଏକ ନୂତନ ଏବଂ କ୍ଷମତାଶାଳୀ ଶକ୍ତିକୁ ସ୍ୱାଗତ କରିଥିଲା, ଯାହା ପରବର୍ତ୍ତି ୩୦ ବର୍ଷର ସାଧାରଣ ଆଲୋଚନା, ରାଜନୈତିକ ଦଳଗୁଡ଼ିକ ମଧ୍ୟସ୍ଥ ବିଭେଦ ଏବଂ ସଂଘମାନଙ୍କ ବିଭାଜନକୁ ନିୟନ୍ତ୍ରିତ କରିବା ପାଇଁ ଉଦ୍ଦିଷ୍ଟ ଅଟେ" ।

### କ୍ରୀତଦାସତ୍ୱ ଉଚ୍ଛେଦକାରୀଙ୍କ ପଦ୍ଧତି (The Method of Abolitionist) :

କ୍ରୀତଦାସତ୍ୱ ଉଚ୍ଛେଦକାରୀମାନେ କ୍ରୀତଦାସତ୍ୱ ବିରୋଧୀ ସମାଜ ଗଠନ ମାଧ୍ୟମକୁ ଅସ୍ତ୍ର କରି କ୍ରୀତଦାସ ପ୍ରଥା ପରି ଏକ ଘୃଣ୍ୟବ୍ୟବସ୍ଥା ବିରୁଦ୍ଧରେ ଲଢ଼େଇ କରିଥିଲେ । ଏହି ସଂସ୍ଥାଗୁଡ଼ିକ କ୍ରୀତଦାସ ମାଲିକମାନଙ୍କ ବିରୁଦ୍ଧରେ ଆନ୍ଦୋଳନ ଗଢ଼ି ତୋଳିଥିଲେ । ଫଳରେ କ୍ରୀତଦାସମାନେ ମାଲିକଙ୍କୁ ପରିତ୍ୟାଗ କରି ଚାଲି ଆସିଥିଲେ କିମ୍ବା ମାଲିକମାନେ ଏପରି ଆନ୍ଦୋଳନରେ ବିବ୍ରତ ହୋଇ ନିଜ ପକ୍ଷରୁ କ୍ରୀତଦାସମାନଙ୍କୁ ମୁକ୍ତି କରିଦେଉଥିଲେ । ଆନ୍ଦୋଳନକାରୀମାନେ ମୁଖ୍ୟତଃ ଧାର୍ମିକ ଓ ନୈତିକ ଭିତ୍ତିଭୂମିକୁ ଆଧାର କରି ଜନସାଧାରଣଙ୍କ ମଧ୍ୟରେ କ୍ରୀତଦାସତ୍ୱ ବିରୁଦ୍ଧରେ ଜନଜାଗରଣ ସୃଷ୍ଟି କରୁଥିଲେ । ଦ୍ୱିତୀୟତଃ ଗୀର୍ଜା ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ପ୍ରଦାନ କରିଥିଲା । ଧର୍ମଯାଜକମାନେ କ୍ରୀତଦାସତ୍ୱକୁ ନିନ୍ଦା କରିବା ସହ ପ୍ରଶାସନକୁ ଏହି ପ୍ରଥାର ଉଚ୍ଛେଦ ପାଇଁ ଆଇନ ପ୍ରଣୟନ କରିବା ନିମନ୍ତେ ପ୍ରଭାବିତ କରିଥିଲେ ।

ଆନ୍ଦୋଳନରତ ସାମାଜିକ ସ୍ୱେଚ୍ଛାକର୍ମୀମାନେ ଘୋଷଣା କଲେ ଯେ, "ଆମ୍ଭେ କ୍ରୀତଦାସମାନଙ୍କର ମୁକ୍ତି ଏବଂ ମାନବଅଧିକାର ପ୍ରାପ୍ତିର ସାକ୍ଷୀ ରହିବା ପାଇଁ ବଞ୍ଚିରହିବୁ କିମ୍ବା ଏହା ନ ଦେଖିପପାରିଲେ ପରିଶେଷରେ ସହୀଦ୍ ହୋଇଯିବୁ"। ଏହି ଆନ୍ଦୋଳନକାରୀଙ୍କ କାର୍ଯ୍ୟକ୍ରମ ଶ୍ରେଣୀ ସଂଘର୍ଷରେ ପ୍ରତିଫଳିତ ହେଲା । ଶ୍ୱେତାଙ୍ଗମାନେ ଦୁଇ ଭାଗରେ ବିଭକ୍ତ ହୋଇଗଲେ । ଉତ୍ତରାଞ୍ଚଳର ଅଧିବାସୀମାନେ କ୍ରୀତଦାସତ୍ୱ ପ୍ରଥାର ଉଚ୍ଛେଦକୁ ସମର୍ଥନ କରୁଥିଲେ । ମାତ୍ର କ୍ରୀତଦାସ ବ୍ୟବସ୍ଥା ଉପରେ ନିର୍ଭରଶୀଳ ଦକ୍ଷିଣାଞ୍ଚଳ କ୍ରୀତଦାସ ମାଲିକମାନେ ନିଜ ସ୍ୱାର୍ଥ ପାଇଁ ନିଜସ୍ୱ ଯୁକ୍ତିରେ କ୍ରୀତଦାସତ୍ୱ ପ୍ରଥାକୁ ପ୍ରଚଳିତ ରଖିବାକୁ ସମର୍ଥନ କରୁଥିଲେ ।

ଦକ୍ଷିଣ ହାମ୍ପଟନ୍‌ଠାରେ ୧୮୨୧ ଖ୍ରୀ:ଅ:ରେ ଏକ ବିଦ୍ରୋହର ସୂତ୍ରପାତ ହେଲା । ଏଥିରେ ୬୦ ଜଣ ଶ୍ୱେତାଙ୍ଗ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହତ୍ୟା କରାଯିବା ବେଳେ ପ୍ରାୟ ଏକ ଶହ ନିଗ୍ରୋ ମଧ୍ୟ ନିହତ ହୋଇଥିଲେ । ଏହି ବିଦ୍ରୋହକୁ ଦମନ କରାଗଲା । ଏହି ବିଦ୍ରୋହର ନେତୃତ୍ୱ ଗ୍ରହଣ କରିଥିବା ଟର୍ଣ୍ଣରଙ୍କ ସହ ୨୦ ଜଣ ନିଗ୍ରୋଙ୍କର ବିଚାର କରାଯାଇ ସେମାନଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଏହି ଘଟଣା ଦକ୍ଷିଣାଞ୍ଚଳ ଅଧିବାସୀଙ୍କୁ ମଧ୍ୟ ପ୍ରଭାବିତ କରିଥିଲା । ଏହା କିଛି କାଳ ପାଇଁ କ୍ରୀତଦାସ ଏବଂ ମାଲିକଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଉତ୍ତେଜିତ ଅବସ୍ଥାକୁ ନେଇଯାଇ ଥିଲା ।

କ୍ରୀତଦାସ ମାଲିକମାନେ କ୍ରୀତଦାସ ଉଚ୍ଛେଦ ସମର୍ଥନକାରୀମାନଙ୍କୁ ଏହି ଉତ୍ତେଜନା ଏବଂ ଗଣହତ୍ୟା ପାଇଁ ଉତ୍ତରଦାୟୀ କରି ସେମାନଙ୍କ ସଙ୍ଗଠନକୁ ବେଆଇନ ଘୋଷିତ କରିବାକୁ ଦାବି କରିଥିଲେ । ଜର୍ଜିଆ ଓ ଭର୍ଜିନୀଆର ରାଜ୍ୟପାଳମାନେ ବୋଷ୍ଟନ୍‌ର ନଗରପାଳଙ୍କୁ କ୍ରୀତଦାସତ୍ୱ ଉଚ୍ଛେଦକାରୀମାନଙ୍କୁ ଦମନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ

କଲେ । ଗାରିସନ୍‌ଙ୍କୁ ଅପହରଣ କରି ଆଣି ପ୍ରଶାସନ ହସ୍ତରେ ସମର୍ପଣ କରିପାରିବା ବ୍ୟକ୍ତିକୁ ୫୦୦୦ ପାଉଣ୍ଡର ପୁରସ୍କାର ରାଶି ପ୍ରଦାନ କରିବା ପାଇଁ ଜର୍ଜିଆର ବିଧେୟକ ଘୋଷଣା କଲା । ରାଜ୍ୟର କ୍ରୀତଦାସ ଆଇନକୁ ଅଧିକ ଶକ୍ତିଶାଳୀ କରାଗଲା । କ୍ରୀତଦାସତ୍ୱ ସପକ୍ଷବାଦୀମାନେ ଯୁକ୍ତି କଲେ ଯେ, "ରାଜନୈତିକ ଓ ସାମାଜିକ ଆନନ୍ଦ ପାଇଁ ସର୍ବଦା କ୍ରୀତଦାସତ୍ୱ ସର୍ବାପେକ୍ଷା ଅଧିକ ଉପଯୁକ୍ତ ବ୍ୟବସ୍ଥା ଅଟେ । ଏକ ରାଜନୈତିକ କୁକାର୍ଯ୍ୟ ହେବା ସତ୍ତ୍ୱେ ଗୃହକ୍ରୀତଦାସତ୍ୱ ଆମ୍ଭ ଗଣତାନ୍ତ୍ରିକ ହର୍ମ୍ୟର ଭିତ୍ତି ପ୍ରସ୍ତର ଅଟେ । କୃଷ୍ଣକାୟମାନେ କ୍ରୀତଦାସତ୍ୱ ପାଇଁ ବିଧି ନିର୍ଦ୍ଦିଷ୍ଟ ଅଟନ୍ତି । ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ କୌଣସି ମନୁଷ୍ୟକୃତ ବ୍ୟବସ୍ଥା ଚିରକାଳ ତିଷ୍ଠି ରହିପାରିବ ନାହିଁ" । ଅନେକ ସମୟରେ କ୍ରୀତଦାସତ୍ୱ ବ୍ୟବସ୍ଥାର ସମର୍ଥକମାନେ ହିଂସାତ୍ମକ ଆନ୍ଦୋଳନମାନ କରିବାକୁ ପଛାଉ ନଥିଲେ । ସେମାନେ କ୍ରୀତଦାସତ୍ୱ ବିରୋଧି ସମ୍ବାଦପତ୍ରକୁ ବିତରଣ ପୂର୍ବରୁ ପୋଡ଼ି ପକାଉଥିଲେ । ଗାରିସନଙ୍କ ପରି କ୍ରୀତଦାସତ୍ୱ ଉଚ୍ଛେଦକାରୀ ସ୍ୱେଚ୍ଛାସେବୀଙ୍କୁ ସେମାନଙ୍କ ଆକ୍ରୋଶର ଶୀକାର ହେବାରୁ ପଡ଼ିଥିଲା ଏବଂ ତାଙ୍କର ବ୍ୟକ୍ତିଗତ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ତାଙ୍କୁ ବନ୍ଦୀଶାଳରେ ରଖାଯାଇଥିଲା ।

ଏହିପରି ବାଦବିବାଦ ମଧ୍ୟରେ ୧୮୪୮ ଖ୍ରୀ:ଅ:ର ନିର୍ବାଚନ ପରେ ୧୮୫୦ ଖ୍ରୀ:ଅ:ରେ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟସ୍ଥ ବିବାଦୀୟ ପ୍ରସଙ୍ଗଗୁଡ଼ିକୁ ନେଇ ଆମେରିକାର କଂଗ୍ରେସ କେତେକ ବୁଝାମଣାର ଉପନୀତ ହୋଇଥିଲା, ଯାହା ସାମୟିକ ରୂପେ କ୍ରୀତଦାସତ୍ୱ ଉଚ୍ଛେଦ ଆନ୍ଦୋଳନକୁ ପ୍ରଶମିତ କରିଥିଲା ।

ଅତିଶୀଘ୍ର କାନ୍‌ସାସ୍-ନେବ୍ରାସ୍କା ବିଲ୍-୧୮୫୪, କାନ୍‌ସାସ ଓ ଲୋକେମ୍ପିସନ୍ ସମ୍ବିଧାନ-୧୮୫୭, ଡ୍ରେଡ୍ ସ୍କଟ ନିଷ୍ପତ୍ତି-୧୮୫୭ ଏବଂ ଜନ୍ ବ୍ରାଉନ୍ ଚଢ଼ାଉ-୧୮୫୮ ଘଟଣାଗୁଡ଼ିକ ପୁର୍ନବାର କ୍ରୀତଦାସତ୍ୱ ପ୍ରଶ୍ନକୁ ଉଜ୍ଜିବିତ କରିଥିଲା, ଯାହା ଆମେରିକାକୁ ଗୃହ ଯୁଦ୍ଧ ଦିଗରେ ପଥ କଢ଼ାଇ ନେଇଥିଲା । ଗୃହଯୁଦ୍ଧର ସମାପ୍ତି ପରେ ଆବ୍ରାହିମ ଲିଙ୍କନ୍‌ଙ୍କ ରାଷ୍ଟ୍ରପତିତ୍ୱ ସମୟ କାଳରେ ଆଇନତଃ କ୍ରୀତଦାସ ପ୍ରଥାର ସଫଳତାର ସହ ଉଚ୍ଛେଦ ହୋଇପାରିଥିଲା ।

## ଆଦର୍ଶ ପ୍ରଶ୍ନାବଳୀ

୧ । ଆମେରିକାର ବିଭିନ୍ନ ଆଞ୍ଚଳିକ ମଣ୍ଡଳ ବିଷୟରେ ଆଲୋଚନା କର ।

୨ । ଆଫ୍ରିକୀୟ କ୍ରୀତଦାସମାନଙ୍କର ଆବଶ୍ୟକତା ବିଷୟରେ ବର୍ଣ୍ଣନା କର ।

୩ । କ୍ରୀତାଦାସ ପ୍ରଥା ଉଚ୍ଛେଦ ଆନ୍ଦୋଳନ ଉପରେ ଆଲୋକପାତ କର ।

# ଶୂନ୍ୟସ୍ଥାନ ପୂରଣ କର

୧। — ଉପନିବେଶବାଦୀଙ୍କୁ ଜନ୍ମଦେଇଥିଲା।

୨। ଉପନିବେଶବାଦର ଦ୍ୱିତୀୟ ପର୍ଯ୍ୟାୟକୁ — ବୋଲି କୁହାଯାଏ।

୩। — ଆମେରିକା ଆବିଷ୍କାର କରିଥିଲେ।

୪। ଏ ଉ ଦେଶଗୁଡ଼ିକର ଅନୁନ୍ନତ ସ୍ଥାନଗୁଡ଼ିକ ପରବର୍ତ୍ତୀ ସମୟରେ — ନାମରେ ପରିଚିତ ହୋଇଥିଲା।

୫। ଜେନୋଆରେ କଲମ୍ବସ — ଖ୍ରୀ: ଅରେ ଜନ୍ମଗ୍ରହଣ କରିଥିଲେ।

୬। ଆମେରିକାକୁ ଜଳପଥ — ଆବିଷ୍କାର କରିଥିଲେ।

୭। ଭାରତକୁ — ଜଳପଥ ଆବିଷ୍କାର କରିଥିଲେ।

୮। ରେଡ଼ି ଓ୍ୱାକିଙ୍କ ଆବିଷ୍କାର — କୁ ଉତ୍ସାହିତ କରିଥିଲା।

୯। — ଠାରେ ଏକ କ୍ରୀତଦାସ ବଜାର ଥିଲା।

୧୦। ସାମ୍ରାଜ୍ୟବାଦର ଶାସନ — ପ୍ରକାର ପ୍ରଜାଙ୍କ ଆଇନକୁ ଅଗ୍ରାହ୍ୟ କରିଥିଲା।

## ପ୍ରଶ୍ନଗୁଡ଼ିକ ଛୋଟ ବାକ୍ୟରେ ଉତ୍ତର ପ୍ରଦାନ କର।

11। ଇଉରୋପୀୟମାନଙ୍କର ଉପନିବେଶ ସ୍ଥାପନର ମୁଖ୍ୟ ଦୁଇଟି ଉଦ୍ଦେଶ୍ୟ କଣ ଥିଲା? ଏଥିପାଇଁ ସେମାନେ କଣ କରିଥିଲେ?

୧୨। ଜଳପଥର ଆବିଷ୍କାର ଉପନିବେଶ ସ୍ଥାପନ ପାଇଁ କିପରି ପଥ ପ୍ରଶସ୍ତ କରିଥିଲା?

13। ମନ୍ରୋ ନୀତି ସମ୍ବନ୍ଧରେ ଲେଖ?

14। ଭାସ୍କୋଡାଗାମା କେଉଁ ଦେଶର ନାବିକ?

15। କଲମ୍ବସ କେଉଁ ଦେଶରେ ଜନ୍ମଗ୍ରହଣ କରିଥିଲେ? ସେ କେବେ ପଶ୍ଚିମ-ଭାରତ ଦ୍ୱୀପପୁଞ୍ଜରେ ପହଞ୍ଚିଥିଲେ।